

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଗୁରୁବାର ୧୮ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୦୮ ■ Baleshwar ♦ THURSDAY 18 June 2026
Vol.No. 36 ■ No.158 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୭/୬ (ନି.ପ୍ର): ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସୁଶାସନ ଓ ଫଳାଫଳଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମୀକ୍ଷା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାର ତ୍ୱରିତ ମୂଲ୍ୟାଙ୍କନ ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନକୁ ଗୁରୁତ୍ୱାରୋପ କରାଯାଇଛି ।ଓଡ଼ିଶା ଜନ ବିଶ୍ୱାସ ଆଇନ୍ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା, ତ୍ୱରିତ ମୂଲ୍ୟାଙ୍କନ ବ୍ୟବସ୍ଥା ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନ ଗଠନକୁ ଗୁରୁତ୍ୱାରୋପ କରାଯାଇଛି ।

# ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୧୭/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିପାକ୍ଷିକ ବେ?ଠକରେ ଆଲୋଚନା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ସାକ୍ଷାତ ସମୟରେ ଦୁଇ ନେତା ଉଭୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଥାବାର୍ତ୍ତା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ଶିଖର ସମ୍ମିଳନୀ ଅବସରରେ ହର୍ମୁଜ୍ ପ୍ରଣାଳୀ ଅବରୋଧ ଏବଂ ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀକୁ ଖୋଲା ରଖିବା ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥି ସହିତ ସେ କହିଛନ୍ତି, ଭାରତୀୟ ନାବିକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଙ ଆଶା କରୁଛଶ ଯେ ଇରାନ ସହିତ ଯେକୌଣସି ଶାନ୍ତି ଚୁକ୍ତିରେ ନାବିକଙ୍କ ସୁରକ୍ଷାକୁ ନିଶ୍ଚିତ ଭାବରେ ପ୍ରାଥମିକତା ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକା ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ସେ କହିଛନ୍ତି,



ପ୍ରଧାନମନ୍ତ୍ରୀ ମୋଦୀ ଦୃଶ୍ୟମାନ ଭାବରେ ଶାନ୍ତ କିନ୍ତୁ ଆଲୋଚନାରେ ବହୁତ କଠୋର। ଆମେ ଖୁବ୍ ଶୀଘ୍ର ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବୁ। ମୁଁ ଭବିଷ୍ୟତରେ କେବେ ଭାରତ ମଧ ଗସ୍ତ କରିବି। ମୋର ଭାରତ ପ୍ରତି ବହୁତ ସମ୍ମାନ ଅଛି। ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ସାରା ବିଶ୍ୱର ନଜର ରହିଥିବା ଏହି ହାଇ-ପ୍ରୋଫାଇଲ୍ ବୈଠକରେ ଉଭୟ ନେତା ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ଭାରତ-ପ୍ରଶାନ୍ତ କ୍ଷେତ୍ରର ସୁରକ୍ଷା ଉପରେ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଦିଗ ଥିଲା ସମୁଦ୍ର ମାର୍ଗରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା। ବିଶ୍ୱର ବିଭିନ୍ନ ସାମୁଦ୍ରିକ ପଥରେ ଗମନାଗମନ କରୁଥିବା ଲକ୍ଷ ଲକ୍ଷ ଭାରତୀୟ ନାବିକଙ୍କ ଜୀବନର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିଛନ୍ତି। ନିକଟରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ଏହି ଚିନ୍ତା ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଭାରତର ଏହି ଦାବିକୁ ଗ୍ରହଣ କରିବା ସହ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଭାରତକୁ ସମସ୍ତ ସୁରକ୍ଷା ପ୍ରସଙ୍ଗରେ ସହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇ ଟ୍ରମ୍ପ କହିଛନ୍ତି, ଯଦି ଭାରତ ଉପରେ କେହି ଆକ୍ରମଣ କରେ ତେବେ ୱାସିଂଟନ ସର୍ବଦା ଭାରତ ସହିତ ଛିଡ଼ା ହେବ। ଭାରତ ପ୍ରତି ତାଙ୍କର ସମର୍ଥନକୁ ଦୋହରାଇ ସେ କହିଛନ୍ତି ସେ ଯେ ତାଙ୍କ ଶାସନ ସମୟରେ ୱାସିଂଟନ ଭାରତର ଏକ ଶକ୍ତିଶାଳୀ ସହଯୋଗୀ ଭାବେ ରହିବ। ଯେପର୍ଯ୍ୟନ୍ତ ମୁଁ ରାଷ୍ଟ୍ରପତି ଅଛି, ସେ ପର୍ଯ୍ୟନ୍ତ ହ୍ୱାଇଟ୍ ହାଉସରେ ଭାରତ ପାଇଁ ଜଣେ ଭଲ ବନ୍ଧୁ ଭାବେ ରହିବି ବୋଲି ସେ କହିଛନ୍ତି।

◆◆ପୃଷ୍ଠା ୭

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚାମେଲି : ହସ୍ପିଟାଲରୁ ନ୍ୟାୟ ପାଇଁ କଲେ ଗୁହାରି

ଭୁବନେଶ୍ୱର, ୧୭/୬ (ନି.ପ୍ର): ଲୋକଙ୍କ ସରକାରରେ ଲୋକଙ୍କ ଦାବି ଓ ହକ୍ ପାଇଁ ଲଢ଼ି ଲେ ଯେ ଏତେବଡ଼ ବହୁମୂଲ୍ୟ ଦେବାକୁ ପଡ଼ିବ ତାହା କେବେ ସ୍ୱପ୍ନରେ ଭାବିନଥିଲେ ଚାମେଲି। ପ୍ରାଶାସନିକ ବ୍ୟବସ୍ଥା ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ବେଳେ ପୁଲିସ ବ୍ୟବସ୍ଥାରେ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ ଚାମେଲି। ଅକାରଣରେ ଜେଲ ଗଲେ। ଏବେ ଜାମିନ ପାଇଛନ୍ତି ସତ ହେଲେ ନ୍ୟାୟ ପାଇନାହାନ୍ତି। ଯେଉଁଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ଆଶାରେ ରହିଛନ୍ତି ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝା। 'ଜାମିନ ମିଳିଗଲା, ହେଲେ ଯନ୍ତ୍ରଣା କମିନି। ମାନସିକ ଓ ଶାରୀରିକ ଭାବେ ମୁଁ ଯନ୍ତ୍ରଣାରେ ଜର୍ଜରିତ।' ବାହାରେ ନିଜକୁ ଅସୁରକ୍ଷିତ ମଣି ହସ୍ପିଟାଲ ବେଡରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ତିଖିରୀ ସରପଞ୍ଚ ଚାମେଲି ଓଝା। ନ୍ୟାୟ ପାଇଁ କରିଛନ୍ତି ଗୁହାରି। ଏହି ଘଟଣାରେ ସିଧାସଳଖ ସ୍ଥାନୀୟ ବିଧାୟକ ଓ ବିଡିଓଙ୍କୁ ଦାୟୀ କରିଛନ୍ତି।

◆◆ପୃଷ୍ଠା ୭

## ବସ୍ ଓଲଟି ୬ ଜଣଙ୍କର ମୃତ୍ୟୁ, ୩୧ ଆହତ

ନୂଆଦିଲ୍ଲୀ,୧୭/୬ : ଆଜି ସକାଳ ପ୍ରାୟ ୪ଟା ସମୟରେ ଗୁଜରାଟର ଭଦୋଦରା ସହରର କୋଟାମ୍ବି ଷ୍ଟାଡିୟମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୯ ବର୍ଷର ବାଳକ ମଧ ଅଛନ୍ତି। ଆହତମାନଙ୍କୁ ଏସ୍. ଏସ୍. ଜି. ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସର କହିବା ଅନୁଯାୟୀ, ରାଜସ୍ଥାନର ବାନ୍ସୱାରାରୁ ସୁରଟ ଯାଉଥିବା ବାଲାଜୀ ଟ୍ରାଭେଲ୍ସର ବିଳାସପୂର୍ଣ୍ଣ ବସ୍ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ସୂଚନା ପାଇବା ପରେ, ଏସ୍. ଡି. ଆର. ଏଫ୍., ଏନ୍. ଡି. ଆର. ଏଫ୍., ଭଦୋଦରା ଅଗ୍ନିଶମ ବାହିନୀ, ପୋଲିସ୍ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଆହତ ଯାତ୍ରୀ ବଂଶୀ ଲାଲ କହିଛନ୍ତି ଯେ ସେ କାମ ପାଇଁ ରାଜସ୍ଥାନରୁ ସୁରଟ ଅଭିମୁଖେ ଯାଉଥିଲେ।

# ସୁପ୍ରିମକୋର୍ଟଙ୍କ ଛାଟ ପରେ ସକ୍ରିୟ ହେଲା ପ୍ରଶାସନ

ଭୁବନେଶ୍ୱର, ୧୭/୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ଫୋକସରେ ବିନିକାର ବୃଦ୍ଧା ମାଆ ଓ ଦୃଷ୍ଟିହୀନ ପୁଅ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ସେମାନଙ୍କ ପାଖକୁ ଛୁଟିଛି ସରକାରୀ ସହାୟତାର ସୁଅ । ଗତକାଲିଠାରୁ ଆକ୍ଟିଭ ମୋଡ୍‌ରେ ଜିଲ୍ଲା ପ୍ରଶାସନ । ଗାଁକୁ ପହଞ୍ଚି ମାଆ ପୁଅଙ୍କ ସମସ୍ୟା କଥା ବୁଝିବା ସହ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ବର୍ଷ ବର୍ଷ ଧରି ଅକଥନୀୟ ଦୁଃଖକଷ୍ଟ ସହି ବଞ୍ଚୁଥିଲେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବାଗଡ଼ିଆର ବୃଦ୍ଧା ରାଧିକା ଭୁଏ ଓ ତାଙ୍କ ଦୃଷ୍ଟିବାଧିତ ପୁଅ ଜପ ଭୁଏ



। ହେଲେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବଦଳିଛି ଚିତ୍ର, ଜାଗିଛି ଆଶା । ତାଙ୍କ ଘରେ ପଡ଼ିଛି ପ୍ରଶାସନର ପାଦ । ଜିଲ୍ଲା ପ୍ରଶାସନ ପହଞ୍ଚି ଜପ ଭୁଏଙ୍କ ଆଧାର କାର୍ଡ ଓ ବ୍ୟାଙ୍କ ଖାତା ଖୋଲିଛନ୍ତି । ଏଥିସହ ଉଭୟ ମାଆ ପୁଅଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି । ଆଜି ଜିଲ୍ଲାପାଳ ହସ୍ପିଟାଲକୁ ଆସି ଉଭୟ ମାଆ ପୁଅଙ୍କୁ ଭେଟିଛନ୍ତି । ଦିବ୍ୟାଙ୍ଗ ଜପଙ୍କ ମୁଣ୍ଡରେ ଥିବା ଆବୁକୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟରେ ଅସ୍ତ୍ରୋପଚାର କରାଯିବ ବୋଲି କହିଛନ୍ତି ଏଡିଏମଓ ।

◆◆ପୃଷ୍ଠା ୭

# ବହିରେ ତ୍ରୁଟି, କ୍ଷୁବ୍ଧ ମୁଖ୍ୟମନ୍ତ୍ରୀ : ତୁରନ୍ତ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭/୬ (ନି.ପ୍ର): ୪୦ଲକ୍ଷ ପିଲାଙ୍କ ସହ ଖେଳ। ନୂଆ ବହିରେ ମାଳ ମାଳ ତ୍ରୁଟି। ଏହା ସାମନାକୁ ଆସିବା ପରେ ଆରମ୍ଭ ହୋଇଛି ତନାଘନା। ନିଜେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ସହ ତଦନ୍ତ ପାଇଁ ଗଠନ କରିଛନ୍ତି କମିଟି। ତୁରନ୍ତ ତ୍ରୁଟି ସୁଧାରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଇଛନ୍ତି ନିର୍ଦ୍ଦେଶ। ଅନ୍ୟପଟେ ଏତେ ବଡ଼ ତ୍ରୁଟିକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବଦଳିଥିବା ବହିରେ ହଜାର ହଜାର ଭୁଲ୍ ବାହାରିବା ପରେ ଆକ୍ସନ ମୋଡ଼କୁ ଆସିଛନ୍ତି ମୁଖ୍ୟମନ୍ତ୍ରୀ। ଲୋକସେବା ଭବନରେ ସମୀକ୍ଷା କରିବା ସହ କାର୍ଯ୍ୟାଳୟକୁ ସମସ୍ତ ତ୍ରୁଟିପୂର୍ଣ୍ଣ ବହି ମଗାଇ ନିଜେ ଦେଖିଛନ୍ତି। ପିଲାଙ୍କ ବହିରେ ଏତେ ତ୍ରୁଟି ଦେଖିବା ପରେ ବିରକ୍ତ ପ୍ରକାଶ କରି ତୁରନ୍ତ ସୁଧାରିବାକୁ ଦେଇଛନ୍ତି ନିର୍ଦ୍ଦେଶ। ଏଥିସହ କେଉଁଠି ରହିଲା ତ୍ରୁଟି, ତାର ତଦନ୍ତ ପାଇଁ ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି। ୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ନେବାକୁ କହିଛନ୍ତି। ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୪ଖଣ୍ଡ ବହି ବଦଳିଛି। ବହି ଦାୟିତ୍ୱରେ ଥିଲେ ଏସ୍‌ସିଆରଟି, ପ୍ରିଣ୍ଟିଂ ଓ ଓସେପା। ଏହି ତିନି କାର୍ଯ୍ୟାଳୟ ଦେଇ ପ୍ରସ୍ତୁତ ହୋଇଛି ପାଠ୍ୟପୁସ୍ତକ। ରାଜ୍ୟର ବଛା ଶିକ୍ଷାବିତ୍‌ଙ୍କୁ ନେଇ ଗଠିତ ଷ୍ଟିୟରିଂ କମିଟି ଦ୍ୱାରା ପାଠ୍ୟକ୍ରମ ଚୟନ କରଯାଇଥିଲା। ୫୪ଟି ବହି ପାଇଁ ସ୍ୱତନ୍ତ୍ର କମିଟି ଗଠନ ହୋଇଥିଲା। ଶେଷ ପର୍ଯ୍ୟାୟରେ ୫ଜଣିଆ କୋର୍ କମିଟି ପାସ୍ କରିବା ପରେ ପ୍ରକାଶ ପାଇଛି ପୁସ୍ତକ। ଯେଉଁ ବହିରେ ରହିଛି ୧୬୭୮ ତ୍ରୁଟି। ଅଷ୍ଟମ ବହିରେ ସର୍ବାଧିକ ୭୦୫ଟି ଭୁଲ୍ ରହିଛି। ପିଲାଙ୍କ ବହିରେ ଏତେ ତ୍ରୁଟି ବାହାରିବା ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଏହାକୁ ଅକ୍ଷମଣୀୟ ତ୍ରୁଟି ବୋଲି କହିଛନ୍ତି ଶିକ୍ଷାବିତ୍। ଏବେ ପ୍ରଶ୍ନ ଉଠୁଛି, ୪୦ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳ କାହିଁକି? ବହିରେ ତ୍ରୁଟି, ଦାୟୀ କିଏ? ଏସ୍‌ସିଇଆରଟି କାହିଁକି ଯାଞ୍ଚ କରିନଥିଲା? ଓସେପାର ଦାୟିତ୍ୱ ଖାଲି କ'ଣ ବହି ବଣ୍ଟନ? ମୁଦ୍ରଣରେ ତ୍ରୁଟି ନା ପ୍ରସ୍ତୁତିରେ ତ୍ରୁଟି? ସମ୍ପାଦନା ମଣ୍ଡଳୀ କ'ଣ କରୁଥିଲେ? କାହିଁକି ଉତ୍ତରଦାୟୀ ହେବେନି ଗଣଶିକ୍ଷା ମନ୍ତ୍ରୀ?


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com


## ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପରେ ୟୁପିକୁ ନେଇ ରାଜନୈତିକ ବୟାନବାଜି: ସମାଜବାଦୀ ପାର୍ଟି ବି ଭାଙ୍ଗିବ କହିଲେ ବିଜେପି ନେତା

ନୂଆଦିଲ୍ଲୀ,୧୭/୬ : ମହାରାଷ୍ଟ୍ର ପରେ ଏପଟେ ପଶ୍ଚିମବଙ୍ଗରେ ବିଦ୍ରୋହ କରିଥିବା ଟିଏମସି ସାଂସଦଙ୍କ ମଧ୍ୟରେ ରୋଚକ ମୋଡ ଦେଖିବାକୁ ମିଳିଛି । ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଘଟଣାକ୍ରମ ଦେଖାଦେଇଛି । ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦଙ୍କ ଗୋଷ୍ଠୀ ଏବଂ ନ୍ୟାସନାଲ ସିଟିଜେନ୍ ପାର୍ଟି ଅଫ୍ ଇଣ୍ଡିଆ ମଧ୍ୟରେ ପ୍ରସ୍ତାବିତ ମିଶ୍ରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏନେଇ ସସପେନ୍ସ ଜାରି ରହିଛି। ନେତାମାନଙ୍କ ଭିନ୍ନ ଭିନ୍ନ ମନ୍ତବ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି । ବିଦ୍ରୋହୀ



ସାଂସଦମାନେ ମିଶ୍ରଣକୁ ପ୍ରାୟ ନିଶ୍ଚିତ ବୋଲି ମନେ କରୁଥିବା ବେଳେ, ଅନେକ ବରିଷ୍ଠ ଏନସିପିଆଇ ନେତା କହିଛନ୍ତି ଯେ, ସେମାନେ ମିଶ୍ରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ସୂଚନା ପାଇନାହାନ୍ତି । ବିଦ୍ରୋହୀ ଗୋଷ୍ଠୀର ନେତୃତ୍ୱ ନେଉଥିବା ଟିଏମସି ସାଂସଦ କାକୋଲି ଘୋଷ ଦସ୍ତିଦାର ଏକ ଗଣମାଧ୍ୟମ ସାକ୍ଷାତକାରରେ ଦାବି କରିଛନ୍ତି ଯେ, ଜ୍ୟୋତିପ୍ରକାଶ ଚାଟାର୍ଜୀଙ୍କୁ ଏନସିପିଆଇର ନୂତନ ସଭାପତି ନିଯୁକ୍ତ କରାଯାଇଛି । ତେବେ ଅନେକ ଦଳୀୟ ପଦାଧିକାରୀ ଏହି ଦାବିରେ ଆଶ୍ଚର୍ଯ୍ୟ ପ୍ରକାଶ କରି କହିଛନ୍ତି ଯେ, ସେମାନେ ମିଶ୍ରଣ ପ୍ରକ୍ରିୟା ବିଷୟରେ ଅଜ୍ଞ ଏବଂ ନୂତନ ସଭାପତିଙ୍କ ନିଯୁକ୍ତି ସମ୍ପର୍କରେ କୌଣସି ବିଜ୍ଞପ୍ତି ପାଇ ନାହାନ୍ତି । କାକୋଲି ଘୋଷ କହିଛନ୍ତି ଯେ, ତାଙ୍କ ଗୋଷ୍ଠୀ ଯେଉଁ ରାଜନୈତିକ ଦଳ ସହିତ ମିଶ୍ରଣ କରିବାକୁ ଚାହୁଁଛି, ସେମାନେ ପ୍ରସ୍ତାବକୁ ସକାରାତ୍ମକ ଭାବରେ ଗ୍ରହଣ କରିଛନ୍ତି।

## ଓଡ଼ିଶାକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ: ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର, ୧୭/୬ (ନି.ପ୍ର): ଓଡ଼ିଶାକୁ ପ୍ରଥମ ଥର ନୁହେଁ ସରକାର ଗଠନ ପରେ ୮ ଥର ଗସ୍ତ କଲେଣି ପ୍ରଧାନମନ୍ତ୍ରୀ ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଏହା ସହ ଓଡ଼ିଶାକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ। ଏହା ସହ ବିକାଶର ଫର୍ଦ୍ଦରେ ଓଡ଼ିଶା ଯୋଡ଼ି ହୋଇ ଯାଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କ୍ୱିଣ୍ଟାଲ ୨୦ କେଜି ଚାଉଳ ପାଇବା ପାଇଁ ନୂଆ ଯୋଜନା ହୋଇଛି । ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଗସ୍ତ ରହୁଛି। ଏହା ସହ ଆସନ୍ତା ୨୦ ତାରିଖରେ ହେବାକୁ ଯାଉଛି।

# ଭକ୍ତଙ୍କ ଆବେଗ ସହ ଖେଳ : ଶ୍ରୀମନ୍ଦିରରୁ ଜବତ ଅପମିଶ୍ରିତ ଘିଅ

ପୁରୀ, ୧୭/୬ (ନି.ପ୍ର): ଶ୍ରୀମନ୍ଦିର ରୋଷଘରେ ଡାଲଡ଼ା ଘିଅ ପ୍ରବେଶ ଅନୁମତି ନାହିଁ। କେବଳ ଗୁଆ ଘିଅ ବ୍ୟବହାର ପାଇଁ ରହିଛି ନିୟମ। କିନ୍ତୁ କିଛି ଲାଭ ଖୋର ସୁଆର ଡାଲଡ଼ା ଘିଅରେ ମହାପ୍ରସାଦ ପ୍ରସ୍ତୁତ କରିବାକୁ ହୀନ ଉଦ୍ୟମ କରିବା ସାମନାକୁ ଆସିଛି। ଜଣେ ବୋଝିଆଙ୍କ ନିକଟରୁ ପ୍ରାୟ ୩୦ ପ୍ୟାକେଟ୍ ଡାଲଡ଼ା ଜବତ ପରେ ବଢ଼ିଛି ସନ୍ଦେହ। କଳାବଜାରୀଙ୍କ ବଡ଼ ଷଡ଼ଯନ୍ତ୍ର, ବାଦ୍ ପଡୁନାହାଁନ୍ତି କଳାଠାକୁର। ସାଢ଼େ ଚାରିକୋଟି ଓଡ଼ିଆଙ୍କ ଭକ୍ତି ଓ ବିଶ୍ୱାସର ମୂଳପିଣ୍ଡ ଶ୍ରୀମନ୍ଦିରରୁ ଜବତ ହୋଇଛି ଅପମିଶ୍ରିତ ଘିଅ। ଗୁଆ ଘିଅ ବଦଳରେ ରୋଷ ଘରକୁ ୩୦ ପ୍ୟାକେଟରୁ ଅଧିକ ଡାଲଡ଼ା ଘିଅ ଯିବା ସମୟରେ ଜେଟିପି ଓ ପୁଲିସ୍ କର୍ମଚାରୀ ଏସବୁକୁ ଜବତ କରିଛନ୍ତି। ଦକ୍ଷିଣ ଦ୍ୱାରରେ ପ୍ରବେଶ ସମୟରେ ଜଣେ ମହିଳା ବୋଝିଆଙ୍କଠାରୁ ଏସବୁ ଜବତ କରାଯାଇଛି। ଏସବୁ ନିମ୍ନମାନର ଅପମିଶ୍ରିତ ଘିଅ କିଏ ଓ କାହିଁକି ଶ୍ରୀମନ୍ଦିରକୁ ପଠାଇଥିଲା? ସ୍ପଷ୍ଟ ହୋଇନାହିଁ। ସିଂହଦ୍ୱାର ଥାନାରେ ଏନେଇ ଅଜ୍ଞାତ ଏତଲା ଦାୟର କରାଯାଇଛି। ତଦନ୍ତ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ। କେବଳ ଶୁଦ୍ଧ ଓଙ୍ଗେଡ୍ ଗୁଆ ଘିଅ ବ୍ୟବହାର ନେଇ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାପରେ ପରେ ଖଜା ଠାରୁ ଆରମ୍ଭ କରି ଅବଢ଼ା ଏବଂ ଦୀପ ପ୍ରତ୍ୟେକ ସାମଗ୍ରୀର ଦର ବୃଦ୍ଧି ହୋଇଛି। ଏସବୁ ସତ୍ତ୍ୱେ ମୁନାଫାଖୋରଙ୍କ ମନମୁଖୀ କାର୍ଯ୍ୟ ଉପରେ କାହିଁକି ରୋକ୍ ଲଗାଯାଇପାରୁନି ବୋଲି ପ୍ରଶ୍ନ କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ।

# କୋଠଘର ଆମ ସାହିତ୍ୟ ପରିବାରର ଅଷ୍ଟମ ବାର୍ଷିକ ଉତ୍ସବ, ବନ୍ଧୁ ମିଳନ, ପତ୍ରିକା ଓ ପୁସ୍ତକ ଉନ୍ମୋଚନ

## ବର୍ଷୀୟାନ ପ୍ରଖ୍ୟାତ ଲେଖକ ଅଚ୍ୟୁତାନନ୍ଦ ପତି ପାଇଲେ କୋଠଘର ଶୈଳବାଳା ବିଦ୍ୟାଧର ସ୍ମୃତି ସମ୍ମାନ




ଭୁବନେଶ୍ୱର, ୧୭/୦୬ (ନି.ପ୍ର): କୋଠଘର ଆମ ସାହିତ୍ୟ ପରିବାରର ଅଷ୍ଟମ ବାର୍ଷିକ ଉତ୍ସବ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ସଭାକକ୍ଷରେ ପୁସ୍ତକ ଓ ପତ୍ରିକା ଉନ୍ମୋଚନ, ସମ୍ବର୍ଦ୍ଧନା ପର୍ବ, ଆମ ପରମ୍ପରା ସଂସ୍କୃତିଙ୍କୁ ମନେ ପକାଇ ପୋଡ଼ପିଠା ପାନ ପରିବେଷଣ ,ଏବଂ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ମହାଆଡମ୍ବରରେ ସାହିତ୍ୟ ଏକାଡେମୀର ସହ ଭାଗୀତା ରେ ଅନୁଷ୍ଠିତ ହୋଇ ଯାଇଛି । କୋଠଘରର ସୃଜନ ସମ୍ପାଦିକା ମମତା ବାରିକ୍ ଯୁଗ୍ମ ସଚିବ (ମିଶନ ଶକ୍ତି)ଙ୍କ ଅଧ୍ୟକ୍ଷତାରେ ବରେଣ୍ୟ, ମୁଖ୍ୟ ଅତିଥି ସୁସାହିତ୍ୟିକ ଦାଶ ବେନହୁର, ମୁଖ୍ୟ ବକ୍ତା ସୁସାହିତ୍ୟିକା ଡ .ହିରଣ୍ମୟୀ ମିଶ୍ର, ସମ୍ମାନିତ ଅତିଥି ସୂର୍ଯ୍ୟ ମିଶ୍ର, ଡ.ଜ୍ଞାନଚାନ୍ଦ ଜ୍ଞାନଚାନ୍ଦ ଶତପଥୀ, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ କରକମଳରେ,ଟିଭି ଉପସ୍ଥାପକ ଶିବାନନ୍ଦ ବାରିକ୍‌ଙ୍କ ଉଚ୍ଚକୋଟିର ସଞ୍ଚାଳନରେ କୋଠଘର ପତ୍ରିକା ଓ ୧୨ ଖଣ୍ଡ ପୁସ୍ତକ ଲୋକାର୍ପଣ ହୋଇଥିଲା । ପରିଚାଳନା ସମ୍ପାଦକ ଡଃ ପ୍ରତାପ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । କୋଠଘର ସଭାପତି ପ୍ରଦୀପ୍ତ କୁମାର ସାହୁ, ବିଶିଷ୍ଟ ଗାଳ୍ପିକ ରବି ସ୍ୱାଇଁ, ସାହିତ୍ୟିକା ଡଃ ଶକୁନ୍ତଳା ବଳିଆର ସିଂହ,ଡଃ ଅଞ୍ଜଳି ତ୍ରିପାଠୀ, କାନନବାଳା ପଟ୍ଟନାୟକ ଉପସ୍ଥିତ ଥିଲେ । କବିତା ଆସରକୁ ସଂଯୋଜନା କରିଥିଲେ କମଳଲୋଚନ ବେହେରା, ଲୀନା ମିଶ୍ର । ୧୨ଜଣ ଯୁବ କବିଙ୍କ ସମେତ ଓଡ଼ିଶାର କୋଣ ଅନୁକୋଣରୁ କବି ମାନେ ଆସି କବିତା ପାଠକରିଥିଲେ, ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ୯ ଜଣ ପ୍ରତିଷ୍ଠିତ ଲେଖକଙ୍କୁ କୋଠଘର ସମ୍ମାନରେ ସମ୍ମାନିତ କରା ଯାଇଥିଲା ।କୋଠଘର ପ୍ରତିଷ୍ଠାତା, ସମ୍ପାଦିକା ଅମ୍ବିକା ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ତାଙ୍କ ପିତାମାତାଙ୍କ ସ୍ମୃତିରେ ପ୍ରଖ୍ୟାତ ଲେଖକ ଶତାୟୁ ପୁରୁଷ ଅଚ୍ୟୁତାନନ୍ଦ ପତିଙ୍କୁ ତାଙ୍କ ଅନୁପସ୍ଥିତିରେ ଶୈଳବାଳା ବିଦ୍ୟାଧର ସ୍ମୃତି ସମ୍ମାନରେ ତାଙ୍କ ବାସ ଭବନରେ ସମ୍ମାନିତ କରାଯାଇଥିଲା । କୋଠଘର ଶ୍ରେଷ୍ଠ କବିତା ସମ୍ମାନ ରକ୍ଷକ ନାୟକ , କୋଠ ଘର ଶ୍ରେଷ୍ଠ ଶିଶୁ ସାହିତ୍ୟ ସମ୍ମାନ ଡଃ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଗୀତି କବିତା ସମ୍ମାନ ସବିତା ରାଣୀ ବେହେରା, ଗଳ୍ପ ସମ୍ମାନ ଲକ୍ଷ୍ମୀ ଚାନ୍ଦ, ପ୍ରବନ୍ଧ ସମ୍ମାନ ବିଷ୍ଣୁ ପ୍ରସାଦ ଦାସ, ସାରସ୍ୱତ ସମ୍ମାନ ଡ଼ଃ ଶଶି ଭୂଷଣ ମହାପାତ୍ର,ପ୍ରତିଭା ସମ୍ମାନ ଲୀନା ଶତପଥୀ,ସୁଜାତା ସାହୁ। ବରେଣ୍ୟ ଅତିଥି ମାନେ ନିଜର ଅଭିଭାଷଣରେ କୋଠଘର ର କାର୍ଯ୍ୟଧାରାକୁ ଭୂରି ଭୂରି ପ୍ରଂଶସା କରିଥିଲେ । କୋଠଘର ପ୍ରକାଶନୀରେ ପ୍ରସ୍ତୁତ ୧୪ ଜଣ ଲେଖକ ପ ଆଶୁତୋଷ ମେହେରଙ୍କ ଗଳ୍ପ ସଂକଳନ,'ଶେଷ ସନ୍ତକ', ଅମ୍ବିକା ସ୍ୱାଇଁ,'ମୁଠି ଚାଉଳ ', ଅର୍ଜୁନୀ ଚରଣ ବେହେରାଙ୍କ ଆଧ୍ୟତ୍ମିକ ପୁସ୍ତକ 'ଶ୍ରୀମଦ୍ ଭାଗବତ ଗୀତା,' ଅମିତା କରଙ୍କ ଉପନ୍ୟାସ ' କୁମ୍ଭୀର ଟାଣି ନେଲା ମଝି ନଈକୁ ' ପ୍ରମୋଦ କୁମାର ମହାପାତ୍ର ଙ୍କ କବିତା 'ବାଲିଘର ' ମହେଶ୍ୱର ବିଶ୍ୱାଳ ଙ୍କ 'ରାତି ଯେବେ ଶୋଇପଡେ' ଡ. ଦୁର୍ଗାଶିଷ ପଟ୍ଟନାୟକ ଙ୍କ 'ବନ୍ଧ୍ୟା ଶ୍ରୀରାଧା' ,ଆର୍ତ୍ତବନ୍ଧୁ ଦାସ ଙ୍କ' ସୁନ୍ଦର ମୋ ଗାଁ' ପ୍ରଫେସର ଅଜୟ ପାତ୍ରଙ୍କ ଶିଶୁ ଗଳ୍ପ 'ଟିକି ଦୁନିଆ', ସୁରେନ୍ଦ୍ର କୁମାର ବେହେରାଙ୍କ ଶିଶୁ କବିତା 'ହେବାରେ ଆମେ ଜଗତଜିତା' ସୁନନ୍ଦା ପାଣିଗ୍ରାହୀ ଙ୍କ 'ଛଇ ଛବିଳ' ହରପ୍ରିୟା ପ୍ରଧାନ (ରାଉତରାୟ) ଙ୍କ ଲୋଟଣିପାରା ଲୋକାର୍ପଣ ହୋଇଥିଲା । ସହ ସମ୍ପାଦକ ଅରୁଣ କୁମାର ମହାନ୍ତି , ପ୍ରଭାତ କୁମାର ଦାଶ , ସରିତା ମହାପାତ୍ର,ଅମିତା କର, ଭାରତୀପରିଡ଼ା, ଆଶାଲତା ଦୀକ୍ଷିତ, ନମିତା ମହାନ୍ତି, ଗୀତାଞ୍ଜଳି ମହାନ୍ତି, ,ଅଜିତ୍ ପାଣିଗ୍ରାହୀ, ମାନସ ରଞ୍ଜନ ସାହୁ,ପ୍ରଭାତ କୁମାର ବେହେରା, କେତନ ରଣା କବି ପୂର୍ଣ୍ଣାନନ୍ଦ ମହାନ୍ତି, ରାଜଲକ୍ଷ୍ମୀ ତ୍ରିପାଠୀ, ନିନାଦିନୀ ମହାନ୍ତି, ଡ. ସଂଯୁକ୍ତା ପରିଡା ଇତ୍ୟାଦି କାର୍ଯକ୍ରମ ରେ ସହଯୋଗ କରିଥିଲେ । କୋଠଘର ପ୍ରତିଷ୍ଠାତା ,ସମ୍ପାଦିକା ଅମ୍ବିକା ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ କର୍ଯ୍ୟକାରୀ ସମ୍ପାଦକ ଜୟ ନାରାୟଣ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆଦିବାସୀଙ୍କୁ ନେଇ ବିବାଦୀୟ ବୟାନ ମାମଲା : କ୍ଷମା ମାଗିଲେ କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ

ବଲାଙ୍ଗିର, ୧୬ ଜୁନ୍ (ହି.ସ.)- କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ଏକ କଥିତ ବିବାଦୀୟ ବୟାନକୁ ନେଇ ଏବେ ସ୍ଥାନୀୟ ରାଜନୀତି ସରଗରମ ହୋଇଛି। ଏକ ଘରୋଇ ଟିଭି ଚ୍ୟାନେଲରେ ଆଦିବାସୀ ସମାଜ ବିରୋଧରେ ଆପତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ଆଜି ବିଧାୟକଙ୍କ ବିରୁଦ୍ଧରେ ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ପାଟଣାଗଡ଼ ଜିଲ୍ଲା ଆଦିବାସୀ ସଂଘର ସଭାପତି ଭୁବନେଶ୍ୱର କୁଅଁର ଏବଂ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ୍ ଭୋଇଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଆଦିବାସୀ ନେତା ଓ କର୍ମୀ ପାଟଣାଗଡ଼ ଥାନାରେ ପହଂଚି ଏଫ୍‌ଆଇଆର୍ ଦେଇଛନ୍ତି।"ଜଣେ ଜନପ୍ରତିନିଧି ହୋଇ ସାଧାରଣ ଗଣମାଧ୍ୟମରେ ଏଭଳି ସମ୍ବେଦନଶୀଳ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ। "ଆଦିବାସୀ ସଂଘ ପକ୍ଷରୁ ପ୍ରଶାସନକୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ଅଭିଯୋଗ ଆଧାରରେ ବିଧାୟକ ଲକ୍ଷ୍ମଣ ବାଗଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ଏହା ଏକ ଭୟାବହ ରୂପ ନେବ। କେବଳ ବଲାଙ୍ଗୀର ଜିଲ୍ଲା ନୁହେଁ, ବରଂ ସାରା ରାଜ୍ୟରେ ସଂଘ ପକ୍ଷରୁ ବ୍ୟାପକ ଓ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ଏହି ଘଟଣାକୁ ନେଇ ଚାପା ଉତେଜନା ପ୍ରକାଶ ପାଇବା ପରେ ଏବେ ଏହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ। ସେ ଏକ ଭିଡିଓ ବାର୍ତା ଜାରି କରି ନିଜର ସ୍ପଷ୍ଟୀକରଣ ରଖିବା ସହ ସମଗ୍ର ଆଦିବାସୀ ସମାଜକୁ କ୍ଷମା ପ୍ରାର୍ଥନା କରିଛନ୍ତି। ଶ୍ରୀ ବାଗ କହିଛନ୍ତି ଯେ, ସେ ଉକ୍ତ ଟିଭି ଚ୍ୟାନେଲ୍ ରେ ନିଜ ଅଂଚଳର କଥା କହିବା ବେଳେ "ଆଦିବାସୀ ଶୋଷିତ ଅଂଚଳ" ବୋଲି କହିବାକୁ ଚାହୁଁଥିଲେ। କଣ୍ଠ ଦବିଯିବା କାରଣରୁ ତାହା ଉଚ୍ଚାରଣରେ "ଆଦିବାସୀ ଦୂଷିତ" ଭଳି ଶୁଣାଯାଇଛି, ଯାହା ସେ ଆଦୌ କହିବାକୁ ଚାହୁଁନଥିଲେ। "ଯଦି ଅଜାଣତରେ ମୋ ଦ୍ୱାରା କୌଣସି ଭୁଲ୍ ହୋଇଛି, ତାହେଲେ ମୁଁ ଆପଣ ମାନଙ୍କ ସମସ୍ତଙ୍କ ପାଖରେ କ୍ଷମା ପ୍ରାର୍ଥନା କରୁଛି" ବୋଲି ବିଧାୟକ ପ୍ରକାଶ କରିଛନ୍ତି। ବିଧାୟକଙ୍କ କ୍ଷମା ପ୍ରାର୍ଥନା ପରେ ଆଦିବାସୀ ସଂଘ ଏହାକୁ ଗ୍ରହଣ କରୁଛି କିମ୍ବା ନିଜ ଆନ୍ଦୋଳନ ପନ୍ଥାରେ ଅଟଳ ରହୁଛି ଏବଂ ପୋଲିସ ଏହି ମାମଲାରେ ଆଗକୁ କି ପଦକ୍ଷେପ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

# ଲାଞ୍ଜିଗଡ଼ ବିଧାୟକଙ୍କ କପୁରମାଲ ମଣ୍ଡି ପରିଦର୍ଶନ

ମୁଖୀଗୁଡା, ୧୭/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ କପୁରମାଲ ମଣ୍ଡିରୁ ଧାନ ଉଠାଣ ହେଉ ନଥିବାରୁ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ମଣ୍ଡିରେ ଶହ ଶହ କ୍ୟୁଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି । ବର୍ଷା ହେଲେ ଚାଷୀଙ୍କ ଧାନ ନଷ୍ଟ ହେବାର ସମ୍ଭାବନା ରହିଥିବା ବେଳେ ଜାଗା ଅଭାବରୁ ଅନେକ ଚାଷୀ ମଣ୍ଡିକୁ ଧାନ ଆଣି ପାରି ନାହାନ୍ତି । ମେ ୨୦ ତାରିଖରୁ ଟୋକେନ ଆସିଥିଲେ ହେଁ ଜୁନ ୧ ତାରିଖରେ ମଣ୍ଡି ଉଦ୍ଘାଟନ ହୋଇଥିଲା ।ହେଲେ ଟାର୍ଗେଟ ନଥିବା, ମଣ୍ଡିକୁ ମିଲରୁ ଗାଡି ନଆସିବା ଯୋଗୁଁ ଚାଷୀଙ୍କ ଧାନ ବିକ୍ରି ନହୋଇ ଖୋଲା ଆକାଶ ତଳେ ପଡିରହିଛି । ଆଜି ଚାଷୀଙ୍କ ଅଭିଯୋଗ ପାଇ ତୁରନ୍ତ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ କପୁରମାଲ ମଣ୍ଡି ପରିଦର୍ଶନ କରିଥିଲେ ।

# ପୋପରଡା ରଜରେ ବାଦୀପାଲା



କଟକ, ୧୭/୦୬ (ନି.ପ୍ର): ପୋପରଡା ବୁଢ଼ୀ ଜାଗୁଲାଇ ପୀଠରେ ୧୫୪ତମ ରଜୋତ୍ସବ ଅବସରରେ ତୃତୀୟ ଦିନ ବାଦୀପାଲା ମହୋତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଲୋକଗୀତ ନୃତ୍ୟ ପ୍ରଚାର ପ୍ରସାର ପାଇଁ ତତ୍ୱଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ ଓ ତତ୍ୱବାରିଧି ଜୟଚନ୍ଦ୍ର ଡଦଳାଇ ଙ୍କୁ କାଠଯୋଡି ସାହିତ୍ୟ ସଂସଦ ତରଫରୁ ସମ୍ମାନିତ କରାଯାଇ ଥିଲା। ସଭାପତି ପ୍ରମୋଦ ପ୍ରଧାନ ସମ୍ପାଦକ ବାବାଜୀ ଚରଣ ଜେନାଙ୍କ ସହ ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ,ରବି ରାଉତରାୟ, ଦୁର୍ଯ୍ୟୋଧନ ବେହେରା,ଗଦାଧର ପ୍ରଧାନ, ପ୍ରମୋଦ ସାହୁଙ୍କ ସହ ଅଧିକାରୀ କାଶୀନାଥ ଜେନା ଓ ଦେବେନ୍ଦ୍ର ସ୍ୱାଇଁ ଙ୍କ ସହ ବହୁ ପାଲାପ୍ରେମି ଶିକ୍ଷାବିତ ଉପସ୍ଥିତ ଥିଲେ।

# ୨ଦିନ ଭିତରେ ବଞ୍ଚିତ ଚାଷୀଙ୍କ ରେଜିଷ୍ଟ୍ରେସନ ନହେଲେ ଆତ୍ମାହୁତି ଧମକ

ଜୟପୁର, ୧୭/୦୬ (ନି.ପ୍ର): ଜୟପୁର ବ୍ଲକର ୩ଟି ପଂଚାୟତର ଚାଷୀ ଆଜି କୋରାପୁଟ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ଜୟପୁର ବ୍ଲକର ହାଡିଆ, ଜାମୁଣ୍ଡା ଓ କଙ୍ଗା ପଂଚାୟତର ଚାଷି ମାନେ ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରବି ମଣ୍ଡିରେ ସରକାର ଅଳ୍ପ ସମୟ ଦେଇଥିବା କାରଣରୁ ଗୋଟିଏ ଲ୍ୟାମ୍ପସରେ ହଜାର ହଜାର ଚାଷି ଏକା ସହିତ ଯିବା କାରଣରୁ ଲ୍ୟାମ୍ପସର ଅବ୍ୟବସ୍ଥା, ଲ୍ୟାମ୍ପର ଭିତିଭୂମିର ଅଭାବ ସହ ଲ୍ୟାମ୍ପସ ଚାଷିଙ୍କୁ ସୂଚନା ଦେବାର ବିଳମ୍ବ ଯୋଗୁଁ ପାଖା ପାଖି ୬ ଶହ ଚାଷି ରେଜିଷ୍ଟ୍ରେସନ କରିବାରେ ବଂଚିତ ହୋଇଛନ୍ତି । ସେହି ସମୟରେ କୋରାପୁଟ ଜିଲାପାଳ, ଜୟପୁର ଉପ ଜିଲାପାଳଙ୍କୁ ଅବଗତ କରାଇ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଆଜି ଯାଏ ତା'ର କୈଣସି ସମାଧାନ ହେଲା ନାହିଁ । ତେଣୁ ସମସ୍ତ ଚାଷି ପୁନର୍ବାର ଦାବି ଜଣାଇ ଅନୁରୋଧ କରିଛନ୍ତି । ଆଗାମୀ ୨ ଦିନ ଭିତରେ ସମସ୍ତ ଚାଷିଙ୍କ ରେଜିଷ୍ଟ୍ରେସନ ନହେଲେ ସମସ୍ତ ଚାଷି ରାଜରାସ୍ତାକୁ ଓହ୍ଲାଇ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି । ୩ଟି ପଂଚାୟତର ଚାଷି ଋଣ ଭାର ସହି ହେଉ ନଥିବା ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଯେହେତୁ ରୁଣ ଥିବା କାରଣରୁ ବ୍ୟାଙ୍କ ଋଣ ସଂସ୍ଥା ଘରକୁ ବାରମ୍ବାର ଆସୁଛନ୍ତି ।

# ରଜ ଉତ୍ସବ ଅବସରରେ ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମୌସୁମୀଙ୍କୁ ସ୍ୱାଗତ ଜଣାଇ ନୃତ୍ୟ ଓ ସଙ୍ଗୀତର ସନ୍ଧ୍ୟା 'ମେଘ ମଲ୍ଲାର' ଆୟୋଜିତ




ରାଉରକେଲା, ୧୭/୦୬ (ନି.ପ୍ର): ଲୋକପ୍ରିୟ ଗଣ ପର୍ବ 'ରଜ ଉତ୍ସବ' ଅବସରରେ ମୌସୁମୀର ଆଗମନକୁ ସ୍ୱାଗତ ଜଣାଇ ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଜୁନ୍ ୧୫ ତାରିଖ ଦିନ ରାଉରକେଲା ସିଭିକ୍ ସେଣ୍ଟରଠାରେ ଏକ ନୃତ୍ୟ ଓ ସଙ୍ଗୀତଭିତ୍ତିକ ସନ୍ଧ୍ୟା 'ମେଘ ମଲ୍ଲାର'ର ଆୟୋଜନ କରାଯାଇଥିଲା। ଆର.ଏସ.ପି. ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦୀପିକା ମହିଳା ସଂହତି ର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ - ସିଏମଏଲଓ) ଶ୍ରୀ ବି କେ ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓଜିଓଏମ, ସିଏମଏଲଓ) ଶ୍ରୀ ଏମ ପି ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ, ଡିଏମଏସର ସମସ୍ତ ଉପସଭାନେତ୍ରୀ ଯଥା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଶ୍ରୀମତୀ ପ୍ରତିଜ୍ଞା ପଲାଇ, ଶ୍ରୀମତୀ ବନ୍ଦନା ସିଂ, ଶ୍ରୀମତୀ ରୀତା ରାନୀ ଓ ଶ୍ରୀମତୀ ନବନୀତା ପାଲଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା) ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କ ସମେତ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ଧର୍ମପତ୍ନୀ, ବିଭିନ୍ନ ସାମାଜିକ-ସାଂସ୍କୃତିକ ସଂଗଠନର ସଦସ୍ୟ ଏବଂ ଅନେକ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ।

ଭାରପ୍ରାପ୍ତ ନିର୍ଦ୍ଦେଶକ ଅନ୍ୟ ସମସ୍ତ ସମ୍ମାନିତ ଅତିଥିଙ୍କ ସହ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ନିଜର ଅଭିଭାଷଣରେ ଶ୍ରୀ ବର୍ମା ରଜ ପର୍ବ ପୃଷ୍ଠଭୂମି ରେ ଥିବା ସ୍ୱତନ୍ତ୍ର ଚିନ୍ତାଧାରା ଉପରେ ଆଲୋକପାତ କରି କହିଥିଲେ, 'ଓଡ଼ିଶାର ଶତାବ୍ଦୀ ପ୍ରାଚୀନ ରୀତିନୀତି ଓ ପରମ୍ପରା ଆମକୁ ଧରିତ୍ରୀ ମା' ଏବଂ ନାରୀଶକ୍ତିକୁ ସମ୍ମାନ ଦେବା ଶିଖାଇଥାଏ, କାରଣ ସେମାନେ ହେଉଛନ୍ତି ସୃଷ୍ଟିର ମୂଳ ଆଧାର। ଏହି ମାଟିର ଜନସାଧାରଣ ଙ୍କ ଉନ୍ନତ ତଥା ବୈଜ୍ଞାନିକ ଚିନ୍ତାଧାରା ପ୍ରକୃତରେ ଅତୁଳନୀୟ ।' ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରସାର ଏବଂ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆର.ଏସ.ପି. ର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ।

ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ 'ସାଗର ରିଦମ'ର କଳାକାରମାନଙ୍କ ଦ୍ୱାରା ରଜ ପର୍ବର ଆଭିମୁଖ୍ୟକୁ ନେଇ ଏକ ଆକର୍ଷଣୀୟ ନୃତ୍ୟ-ନାଟିକା ପରିବେଷଣ କରାଯାଇଥିବା ବେଳେ, 'ଶ୍ରୀ ଜଗନ୍ନାଥ କଳା ପରିଷଦ'ର କଳାକାରମାନଙ୍କ ଦ୍ୱାରା ରଜର ଆନନ୍ଦ ଓ ଉତ୍ସବକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶାର କୃଷିଭିତ୍ତିକ ସମାଜରେ ରଜର ଗୁରୁତ୍ୱକୁ ଦର୍ଶାଉଥିବା 'ନେକ୍ସଟ୍ ଜେନ୍'ର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଲୋକନୃତ୍ୟ ଓ ସମସାମୟିକ ନୃତ୍ୟ ପ୍ରଦର୍ଶନ ଏବଂ 'ସାଗର ରିଦମ' ଦ୍ୱାରା 'ବର୍ଷା' ବିଷୟବସ୍ତୁ ଉପରେ ଆଧାରିତ ନୃତ୍ୟର ସମିଶ୍ରଣ ଏହି ସନ୍ଧ୍ୟାର ଅନ୍ୟ ଦୁଇଟି ପ୍ରମୁଖ ଆକର୍ଷଣ ଥିଲା।

ଯୁବ କଳାକାରମାନଙ୍କ ଦ୍ୱାରା ଉପସ୍ଥାପିତ ମନୋମୁଗ୍ଧକର ପ୍ରଦର୍ଶନକୁ ପ୍ରଶଂସା କରି ଏହି ଅବସରରେ ଶ୍ରୀ ଆଲୋକ ବର୍ମା ସେମାନଙ୍କ ପ୍ରତିଭା ଏବଂ ସାଂସ୍କୃତିକ ଶ୍ରେଷ୍ଠତାର ସ୍ୱୀକୃତି ସ୍ୱରୂପ ପ୍ରତ୍ୟେକ ଦଳ ପାଇଁ ୩,୦୦୦ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଉପ-ପ୍ରବନ୍ଧକ (ଏସଏମଏସ-୨) ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ପ୍ରୋଟୋକଲ୍ ଆଣ୍ଡ ହସ୍ପିଟାଲିଟି ବିଭାଗର ସୁଶ୍ରୀ ମଧୁସ୍ମିତା ମିଶ୍ର ସଞ୍ଚାଳନ କରିଥିଲେ। ଆର.ଏସ.ପି. ର ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ଇଞ୍ଜିନିଏର ଶ୍ରୀମନ୍ତ କୁମାର ଦାସଙ୍କ ଚତୁର୍ଥ ବାର୍ଷିକ ସ୍ମୃତିସଭା ଓ ପୁରସ୍କାର ବିତରଣୀ ଉତ୍ସବ



ଆଳି , ୧୭/୦୬ (ନି.ପ୍ର): ଆଳି -ରାଜକନିକା ବ୍ଲକ ଯାଦବ ମହାସଙ୍ଘ କାର୍ଯ୍ୟାଳୟ ପରିସରରେ ରବିବାର ପ୍ରଥମ ରଜ ଦିନ ସ୍ୱର୍ଗତ ଇଞ୍ଜିନିଅର ଶ୍ରୀମନ୍ତ କୁମାର ଦାସ ଙ୍କ ଚତୁର୍ଥ ବାର୍ଷିକ ସ୍ମୃତିସଭା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ସମାଜସେବୀ ଶ୍ରୀନିବାସ ପ୍ରଧାନ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସ୍ମୃତି ସଭା ରେ ମୁଖ୍ୟ ଅତିଥି ଭାବରେ ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ର ପ୍ରଧାପକ ଡକ୍ଟର ଫକିର ଚରଣ ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବରେ ପରାଗ ର ସମ୍ପାଦକ ତଥା କବି ବନମାଳୀ ସେନାପତି, ସମ୍ମାନିତ ଅତିଥି ରୂପେ ଆଳି ମହାବିଦ୍ୟାଳୟ ର ଓଡ଼ିଆ ବିଭାଗ ପ୍ରାକ୍ତନ ଅଧାପକ ନିର୍ମଳ କୁମାର ସେନାପତି, ନିଖିଳ ଉତକଳ ଯାଦବ ମହା ସଭା ର ରାଜ୍ୟ ଉପସଭାପତି ମନୋଜ କୁମାର ପରିଡା, ଟୁଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର କର ପ୍ରମୁଖ ଯୋଗ ଦେଇ ଶ୍ରୀମନ୍ତ କୁମାର ଦାସ ଙ୍କ ସ୍ମୃତି ଚାରଣ କରି କହି ଥିଲେ ଯେ ଶ୍ରୀମନ୍ତ ଙ୍କର ମୃତ୍ୟୁ ତାଙ୍କ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ପୁଅର ସ୍ମୃତି କୁ ମନେପକେଇବା ପାଇଁ ଯେଉଁ ଯୋଜନା କରୁଛନ୍ତି ତାହା ଶ୍ରୀମନ୍ତ ଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ପୂର୍ବତନ ସରପଞ୍ଚ ଗାୟତ୍ରୀ ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ଯାଦବ ସଭାପତି ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏସ ଏନ କଲେଜ ର ଅଧାପକ ପ୍ରଦୀପ କୁମାର ଦାସ ସମ୍ପାଦକୀୟ ବିବରଣୀ ରଖିଥିଲେ। ଏହି ଅବସରରେ ଆଳି ଓ ରାଜକନିକା ବ୍ଲକ ମାଟ୍ରିକ ଟପ୍ପର, ଯୁକ୍ତ ଦୁଇ ଟପ୍ପର ମାନଂକୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ।ଶ୍ରୀମନ୍ତ କୁମାର ମେମୋରିଆଲ ଚାରିଆଟେବଲ ଓ ଓଏ ଲ ଫେଆର ଟ୍ରଷ୍ଟ ର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଶେଖର ଚନ୍ଦ୍ର ବାରିକ ଓ ଶ୍ରୀମନ୍ତ ଙ୍କ ପିତା ଉମେଶ ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଦଶମନ୍ତପୁରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୧୭/୦୬ (ନି.ପ୍ର): ଆଜି କୋରାପୁଟର ଦଶମନ୍ତପୁର ଠାରେ ଜ଼ିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଜନଶୁଣାଣୀ କରିଥିଲେ। ଶିବିରରେ ମୋଟ ୩୯ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା, ଯେଉଁଥିରେ ୨୫ଟି ଗୋଷ୍ଠୀଗତ ଓ ୧୪ଟି ବ୍ୟକ୍ତିଗତ ଅଭିଯୋଗ ସାମିଲ ଥିଲା। ସେଥିମଧ୍ୟରୁ ୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ଜ଼ିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଣ୍ଡି ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ରାସ୍ତାରୋକୋ: ଖଡ଼ିଆଳରେ ତୀବ୍ର ହେଲା ଆନ୍ଦୋଳନ

ନୂଆପଡ଼ା, ୧୭/୦୬ (ନି.ପ୍ର): ମଣ୍ଡିରେ ଧାନ ଉଠାଣରେ ବିଳମ୍ବ, କଟଣୀ-ଛଟଣୀ ନାମରେ ଚାଷୀଙ୍କୁ ହଇରାଣ, ଖୋଲା ଆକାଶ ତଳେ ହଜାର ହଜାର ବସ୍ତା ଧାନ ପଡ଼ି ରହିବା ଏବଂ ବର୍ଷା ପୂର୍ବରୁ ଧାନ ଉଠାଣ ନ ହେଲେ ଚାଷୀମାନେ ଭାରି କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ନେଇ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବିଭିନ୍ନ ଅଂଚଳର ଚାଷୀମାନେ ସୋମବାର ତୀବ୍ର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଉଛି, ସେମାନେ ବହୁ କଷ୍ଟରେ ଧାନ ଚାଷ କରି ମଣ୍ଡିକୁ ଆଣିଥିବା ବେଳେ ଏପର୍ଯ୍ୟନ୍ତ ଧାନ ଉଠାଣ ସଠିକ୍ ଭାବରେ ହୋଇପାରୁନାହିଁ। ମଣ୍ଡିରେ ଧାନ ବସ୍ତା ଗଦା ହୋଇ ପଡ଼ି ରହିଥିବା ବେଳେ କଟଣୀ-ଛଟଣୀ ନାମରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ କରାଯାଉଛି। ଏପରିକି ଖୋଲା ଆକାଶ ତଳେ ଧାନ ରହିଥିବାରୁ ଅସମୟରେ ବର୍ଷା ହେଲେ ଧାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଚାଷୀମାନେ ଖଡ଼ିଆଳ–ନୂଆପଡ଼ା ମୁଖ୍ୟ ରାସ୍ତାର ବରଗାଁ ଛକ ଓ ସାନ ମହେଶ୍ୱର ଛକ ଏବଂ ଖଡ଼ିଆଳ–ବୋଡ଼େନ ରାସ୍ତାର ପଳସଦା ଛକ, ଖଡ଼ିଆଳ ସିନାପାଲି ରାସ୍ତା ଡୁଆଝର ଛକ, ଖଡ଼ିଆଳ କଂଟାବାଞ୍ଜି ରାସ୍ତା ଅରେଡା ଛକ, ଲାଞ୍ଜି ଛକ ସମେତ ଖଡ଼ିଆଳ ବ୍ଲକ ଛକ ଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିବା ସହ ଗାଡ଼ି ଚଳାଚଳ କିଛି ସମୟ ପାଇଁ ଠପ ହୋଇ ଯାଇଥିଲା। ଆନ୍ଦୋଳନକୁ ବିରୋଧୀ ଦଳ ବିଜେଡ଼ି ଓ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଥିଲା। ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଓ କଂଗ୍ରେସ ନେତା କମଳ ଚରଣ ତାଣ୍ଡି ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଂଚି ଚାଷୀଙ୍କ ଦାବିକୁ ସମର୍ଥନ କରିଥିଲେ। ସେମାନେ କହିଛନ୍ତି ଯେ, ଚାଷୀଙ୍କ ଧାନ ତୁରନ୍ତ ଉଠାଣ କରାଯିବା ସହ କଟଣୀ-ଛଟଣୀ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ। ନଚେତ୍ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସତର୍କ କରିଥିଲେ। ଚାଷୀମାନେ ମଧ୍ୟ ପ୍ରଶାସନକୁ ଚେତାବନୀ ଦେଇ କହିଛନ୍ତି ଯେ, ମଣ୍ଡିରୁ ଅବିଳମ୍ବେ ଧାନ ଉଠାଣ ବ୍ୟବସ୍ଥା କରାନଗଲେ ଏବଂ ଚାଷୀଙ୍କ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ।

ଧାରାବାହିକ: ଭାଗ-୪୬

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



### ପ୍ରଥମ ଅଧ୍ୟାୟ, ଯଦୁବଂଶକୁ ଋଷିମାନଙ୍କ ବ୍ରହ୍ମଶାପ

ରାଜା ପରୀକ୍ଷିତ, ଶ୍ରୀ ଶୁକଦେବଙ୍କ ଚରଣରେ ପ୍ରଣିପାତ ପୂର୍ବକ ପଚାରିଲେ, ହେ ବ୍ରହ୍ମନ, କଂସ ନିଧନ ପରେ ଭଗବାନ ଶ୍ରୀକୃଷ୍ଣ ପୃଥିବୀର ଭାରା ନିବାରଣ ନିମିତ୍ତ କି କି ଲୀଳାମାନ କଲେ ଦୟା ପୂର୍ବକ କହି ମୋତେ କୃତାର୍ଥ କରନ୍ତୁ । ଶ୍ରୀ ଶୁକଦେବ କହିଲେ, ମାୟା ମନୁଷ୍ୟ ରୂପେ ଅବତରି ଭଗବାନ ଶ୍ରୀକୃଷ୍ଣ ବହୁ ଅସୁର ନିଧନ କରି ଅବନୀ ଭାରା ନିବାରଣ କଲେ ଏବଂ ନିଜର ମନୋହର ରୂପ ଦ୍ୱାରା ପ୍ରାଣୀଗଣଙ୍କୁ ମୋହିତ ଓ ଆନନ୍ଦିତ କଲେ । ଭକ୍ତ ଓ ଦୁଷ୍ଟମାନଙ୍କୁ ସଦଗତି ପ୍ରଦାନ କରି ନିତ୍ୟଧାମକୁ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କର ମଧୁରବାଣୀ ଯେଉଁମାନେ ଥରେ ମାତ୍ର ଶ୍ରବଣ କରିଥିଲେ ସେମାନେ କେବେ ଭୁଲି ପାରି ନଥିଲେ । ତାଙ୍କର ଚାଲିରେ ଥିବା ଅପୂର୍ବ ମାଦକତାରେ ପ୍ରାଣୀ ମୋହିତ ହେଉଥିଲେ । ଭଗବାନ ସ୍ୱୟଂ ଅବତୀର୍ଣ୍ଣ ନ ହୋଇ ପାଣ୍ଡବମାନଙ୍କ ଦ୍ୱାରା କୌରବ ସହ ମାୟା ଯୁଦ୍ଧ ଭିଆଣ କରି ଦୁଷ୍ଟ ଦଳନ କରି ଧର୍ମ ସଂସ୍ଥାପନ କରିଥିଲେ । ରାଜା ପରୀକ୍ଷିତ ପଚାରିଲେ, ବ୍ରହ୍ମନ, ଯେଉଁ ଭଗବାନଙ୍କ ମାୟାରେ ସ୍ୱୟଂ ମହାଦେବ ମଧ ସମ୍ମୋହିତ ହୋଇ ଶିଶୁବତ କ୍ରୀଡା ପ୍ରବୃତ୍ତ ହୋଇପାରନ୍ତି, ଯାହାଙ୍କ ଅନୁଗ୍ରହରୁ ବ୍ରହ୍ମଶାପରୁ ମୁକ୍ତି ମିଳିଥାଏ ସେ ସ୍ୱୟଂ କାହିଁକି ନିଜର ବିଶାଳ ବଂଶକୁ ଲୋପ କରିବାର ଲୀଳାକଲେ । ସାଧାରଣ ମନୁଷ୍ୟ ନିଜର ବଂଶ ମୋହରେ ପଡି ଇହଧାମରୁ ବିଦାୟ ନେଉଥିବା ସମୟରେ ଭଗବାନ ନିଜର ବଂଶନାଶ କରିବାକୁ କାହିଁକି ଚାହିଁଲେ ? ଶ୍ରୀ ଶୁକଦେବ କହିଲେ, ହେ ରାଜନ, ବିଷ୍ଣୁ ଅଂଶରୁ ଜାତ ଯଦୁବଂଶ ଅନ୍ୟ କୌଣସି ଶକ୍ତି ଦ୍ୱାରା ନାଶ ହେବା ସମ୍ଭବ ନଥିଲା । ଯେହେତୁ ସେହି ବଂଶ ଧର୍ମ ବଳରେ ମଧ ବଳୀୟାନ ଥିଲା ତେଣୁ ତାର ବିନାଶ ନଥିଲା ମାତ୍ର ଭଗବାନ ଚିନ୍ତା କଲେ ତାଙ୍କ ଅନ୍ତେ ଯଦୁବଂଶ ସ୍ୱେଚ୍ଛାଚାରୀ ଓ ସଂସାରରେ ଉପଦ୍ରବ ସୃଷ୍ଟିକରି ଯେଉଁ ଧର୍ମ ରକ୍ଷାନିମିତ୍ତ ତାଙ୍କର ଧରାବତରଣ ସେଥିରେ ବିଘ୍ନ ଘଟାଇବେ ତେଣୁ ନିଜ ହାତରେ ସଂହାର କରିବାକୁ ମନସ୍ଥ ହେଲେ । ସେ ମାୟାଧର କାରଣରୁ ନିଜ ଇଛାରେ ମାୟା କଳେବର ବୃଦ୍ଧି କରନ୍ତି ଓ ସମ୍ବରଣ କରନ୍ତି । ଯେତେବେଳେ ସେ ନିତ୍ୟଧାମକୁ ଯିବାକୁ ମନସ୍ଥ ହେଲେ ନିଜ ମାୟା ସମ୍ବରଣ ପୂର୍ବକ ନିଜ ବଂଶକୁ ବିନାଶ କଲେ । ସେ କିପରି ନିଜ ବଂଶ ନାଶକଲେ କହୁଛି ଶୁଣ । ଏକଦା ଶ୍ରୀକୃଷ୍ଣଙ୍କ ପୁତ୍ରମାନେ ସମୁଦ୍ର ତଟରେ କ୍ରୀଡା କରୁଥିବା ସମୟରେ ଭୃଗୁ, ବଶିଷ୍ଠ, ବିଶ୍ୱାମିତ୍ର, ଦୁର୍ବାସା, ଅଙ୍ଗିରା ପ୍ରମୁଖ ମୁନିମାନେ ଶ୍ରୀକୃଷ୍ଣ ଦର୍ଶନ ନିମିତ୍ତ ଯାଉଥିଲେ । ସେହି ସମୟରେ କ୍ରୀଡାରତ ବାଳକମାନେ ଶାମ୍ବଙ୍କୁ ଏକ ଲୌହ ମୂଷଳ ପେଟରେ ରଖି ଅସନ୍ନ ପ୍ରସବା ନାରୀଭଳି ସଜାଇ ଟାଣି ଟାଣି ଆଣି ମୁନିମାନଙ୍କ ସମ୍ମୁଖରେ ଛିଡାକଲେ । ଶାମ୍ବ ମଧ ନାରୀ ସୁଲଭ ଲଜ୍ଜା ପ୍ରକାଶ କରି ଅଧୋବଦନ ରହିବାର ଛଳନା କଲା । ପିଲାମାନେ ପଚାରିଲେ, ହେ ମୁନିଗଣ, ଏହି ଯଦୁବଂଶୀ ନାରୀ ଅନେକ ଦିନରୁ ଗର୍ଭ ବେଦନା ସହ୍ୟ କରୁଥିଲେ ବି ସନ୍ତାନ ଜନ୍ମ ନେଉନାହିଁ, ଏହାର କାରଣ କଣ ? ଏବଂ ପୁତ୍ର ନା ଦୁହିତା ଜନ୍ମନେବ ? ମୁନିମାନେ ସବୁ ଜାଣିପାରି କ୍ରୋଧରେ କହିଲେ, ହଁ ଏହାର ପେଟରେ ଏକ ଲୌହ ମୂଷଳ ଅଛି ଯାହାକି ଆଜି ପ୍ରସବ ହେବ ଏବଂ ତାହାରି ଦ୍ୱାରା ତୁମ ବଂଶ ଧ୍ୱଂସ ହେବ । ପିଲାମାନେ କୌତୁକ କରୁଥିଲେ, ସେମାନେ କଣ ଜାଣିଥିଲେ ତାଙ୍କର ଖେଳ ତାଙ୍କ ନିମନ୍ତେ କାଳ ହେବ । ସଙ୍ଗେ ସଙ୍ଗେ ସେମାନେ ଶାମ୍ବର ପେଟରୁ ଶାଢୀ ଅପସାରଣ କରିବାରୁ ସେଥିରୁ ଏକ ଅତ୍ୟୁଜ୍ଜ୍ୱଳ,କର୍କଶ, ପିଙ୍ଗଳବର୍ଣ୍ଣ ଲୌହ ମୂଷଳ ଖସିପଡିଲା । ତାହାରି ତେଜରେ ପିଲାମାନଙ୍କ ଚକ୍ଷୁ ଭାବି ଦୀର୍ଘଶ୍ୱାସ ପକାଇଲେ । ପିଲାମାନେ ସେହି ଲୌହ ମୂଷଳକୁ ସାଥିରେ ଧରି ରାଜା ଉଗ୍ରସେନଙ୍କ ରାଜସଭାରେ ପହଞ୍ଚି ସମସ୍ତ ବୃତ୍ତାନ୍ତ କହିଲେ । ସଭାସଦମାନେ ଭାବିଲେ ବୋଧେ ଏହା ବିଧି ନିର୍ଦ୍ଦିଷ୍ଟ, ଯଦୁବଂଶର ପତନ ସମୟ ଆସିଗଲା । ମନ୍ତ୍ରଣା ପରେ ରାଜା ଉଗ୍ରସେନ ଦ୍ୱିତୀୟ ପାଣ୍ଡବ ଭୀମସେନଙ୍କୁ ନିମନ୍ତ୍ରଣ କରିଆଣି ସେହି ଲୌହ ମୂଷଳକୁ ସମୁଦ୍ର ତଟରେ ଘଷି ଘଷି ନିଃଶେଷ କରିବାକୁ ଆଜ୍ଞାଦେଲେ । ଭୀମସେନ ମୂଷଳକୁ ଘଷି ଘଷି ଛୋଟ କରିଦେବାରୁ ଆଉ ଘଷିବା ସମ୍ଭବ ନହେବାରୁ ଏବଂ ତାଙ୍କ ହାତରୁ ରକ୍ତ ବାହାରିବାରୁ ସେ ସେହି କ୍ଷୁଦ୍ର ଲୌହଖଣ୍ଡକୁ ଜଳକୁ ନିକ୍ଷେପ କଲେ । ଆହାର ସନ୍ଧାନରେ ବୁଲୁଥିବା ଗୋଟିଏ ମତ୍ସ୍ୟ ତାକୁ ଗିଳିଦେଲା । ଜଣେ ଧୀବର ସେହି ମତ୍ସ୍ୟକୁ ଧରି ଜରାଶବରକୁ ବିକ୍ରୟ କଲା । ଜରା ସେହି ମତ୍ସ୍ୟକୁ କାଟିବାରୁ ତା ପେଟରୁ ଅତ୍ୟନ୍ତ ତେଜୋମୟ, କର୍କଶ, ପିଙ୍ଗଳବର୍ଣ୍ଣ ଲୌହଖଣ୍ଡ ବାହାରିବାରୁ ସେ ତାକୁ ଏକ ତୀକ୍ଷ୍ଣ ନାରାଚ ପ୍ରସ୍ତୁତ କରି ନିଜ ତୂଣୀରରେ ରଖିଲା । ଯେଉଁ ଲୌହ କଣିକାଗୁଡିକ ନିର୍ଗତ ହୋଇଥିଲା ସେସବୁ ସମୁଦ୍ର ଜଳରେ ଭାସିଯାଇ ତୀକ୍ଷ୍ଣକାଣ୍ଡ ବିଶିଷ୍ଟ ଏରକା ବନ ସୃଷ୍ଟିକଲା । ନିଜ ବଂଶ ନାଶର ସବୁ ପ୍ରକାର ବ୍ୟବସ୍ଥା କରି ଶ୍ରୀକୃଷ୍ଣ ନିର୍ବିକାର ଓ ନିର୍ଲିପ୍ତ ଭାବରେ କର୍ମ ସମ୍ପାଦନ କରିଚାଲିଲେ ।

### ୨ୟ ଅଧ୍ୟାୟ, ବସୁଦେବଙ୍କ ନିକଟକୁ ନାରଦଙ୍କ ଆଗମନ ଏବଂ ନିମି ଓ ନବ ବିପ୍ର ସମ୍ବାଦ

ଶ୍ରୀକୃଷ୍ଣଙ୍କ ଛତ୍ରଛାୟାତଳେ ଦ୍ୱାରକାବାସୀ ମହାନନ୍ଦରେ ସମୟ ଅତିବାହିତ କରୁଥାନ୍ତି । ସେଠାରେ ଋଷିମାନେ ସର୍ବଦା ଖଟୁଥାନ୍ତି ଓ ନାରଦ ବୀଣା ବାଦନ କରି ହରିନାମ ନେଉଥାନ୍ତି । ଦିନେ ସେ ହରିନାମ ନେଇ ବସୁଦେବଙ୍କ ଗୃହରେ ଉପସ୍ଥିତ ହେବାରୁ ସେ ଦେବର୍ଷିଙ୍କ ପାଦଧୌତ କରି ଅଭ୍ୟର୍ଥନା ଜଣାଇ ଚରଣରେ ନମସ୍କାର କରି ହାତ ଯୋଡି କହିଲେ, ହେ ମୁନିଗୁରୁ, ଆଜି ମୋର ପରମ ସୌଭାଗ୍ୟ ଯେ ଆପଣଙ୍କ ଭଳି ବିଷ୍ଣୁଭକ୍ତ ମୋ ଗୃହରେ ପଦାର୍ପଣ କଲେ । ଯେମିତି ପିତାମାତାଙ୍କର ଆଗମନ ସନ୍ତାନ ପ୍ରତି ସୁଖପ୍ରଦ ସେହିପରି ଆପଣଙ୍କ ଆଗମନ ପ୍ରାଣୀ ନିମନ୍ତେ ମୁକ୍ତିର ମାର୍ଗ । ଆପଣ ତ ସର୍ବଦା ବିଷ୍ଣୁ ନାମ କୀର୍ତ୍ତନ କରି ଭ୍ରମଣ କରୁଥାନ୍ତି ଓ ପତିତଙ୍କୁ ଉଦ୍ଧାର କରନ୍ତି । ଆଜି ଆପଣଙ୍କୁ ମୋ ଗୃହରେ ଦେଖି ମନ ମଧ୍ୟରେ ଏକ ଆଶା ସଞ୍ଚାର ହେଉଛି । ମୁଁ ଆପଣଙ୍କ ମୁଖରୁ ବୈଷ୍ଣବ ଧର୍ମର ବିଷୟ ଶୁଣିବାକୁ ଚାହୁଁଛି । ଜ୍ଞାନୀମାନେ କହନ୍ତି, ତାହାର କଥନ, ଶ୍ରବଣ ଦ୍ୱାରା ମନୁଷ୍ୟ ଜନ୍ମ ମରଣ ଚକ୍ରରୁ ମୁକ୍ତ ହୋଇଯାଏ । ପୂର୍ବେ ମୁଁ ତପସ୍ୟା କରି ବିଷ୍ଣୁଙ୍କୁ ପ୍ରସନ୍ନ କରିଥିଲେ ମଧ ମୋହଗ୍ରସ୍ତ ହୋଇ ମୁକ୍ତି ପରିବର୍ତ୍ତେ ତାଙ୍କୁ ପୁତ୍ର ଭାବରେ ଚାହିଁଥିଲି । ମୋ ପ୍ରତି ଦୟା କାରଣରୁ ଭଗବାନ ତାହା ସ୍ୱୀକାର କଲେ, ସେହି ମୋହମାୟା ମୋତେ କିପରି ଦୁଃଖ ଦେବ ତାହାର ଉପାୟ ବତାଇ ଦିଅନ୍ତୁ । ବସୁଦେବଙ୍କ ନିବେଦନ ଶୁଣି ପରମ ବୈଷ୍ଣବ ଦେବର୍ଷି ମହାନନ୍ଦରେ କହିଲେ, ହେ ଯଦୁକୁଳ ଶ୍ରେଷ୍ଠ, ତୁମେ ପରମ ଭାଗ୍ୟବାନ, ସାଧୁ । ସ୍ୱୟଂ ଭଗବାନଙ୍କୁ ପୁତ୍ର ରୂପେ ଲାଭ କରିଛ ଏହାଠୁ ବଳି କଣ ଥାଇପାରେ । ମୋକ୍ଷ ତମ ହାତମୁଠାରେ । ତୁମ ପୂର୍ବ ସୁକୃତ ତୁମକୁ ଭାଗବତ ଧର୍ମର ମହିମା ଶ୍ରବଣ ନିମନ୍ତେ ଆକାଂକ୍ଷା ଜାଗ୍ରତ କରୁଛି । ଯାହାର ଶ୍ରବଣ ଗୁରୁ ବିପ୍ର ଦ୍ରୋହୀ ପତିତକୁ ମଧ ଉଦ୍ଧାର କରିପାରେ ତାହା ଶ୍ରବଣ କର । ପୂର୍ବେ ବିଦେହ ମଣ୍ଡଳରେ ଶାସକ ନିମି ରାଜାଙ୍କ ଯଜ୍ଞଶାଳାରେ ପରମ ବିଷ୍ଣୁଭକ୍ତ ଋଷଭ ତନୟ ଦିବ୍ୟ ପୁରୁଷରୂପୀ ନବଋଷି ଆସି ଉପସ୍ଥିତ ହେଲେ । ସର୍ବଦା ବିଷ୍ଣୁ ଗୁଣ କୀର୍ତ୍ତନ କରୁଥିବା ଏହି ତେଜୋମୟ ନବଋଷିଙ୍କୁ ଦେଖି ରାଜା ନିମି ଆସନ ତ୍ୟାଗକରି ଉଠି ଚରଣ ବନ୍ଦନା କଲେ ଏବଂ ସ୍ତୁତି କଲେ । ସେ କହିଲେ ପ୍ରାଣୀର ହିତ ନିମନ୍ତେ ସର୍ବଦା ଭ୍ରମଣ କରୁଥିବା ଆପଣମାନଙ୍କ ପରି ସାଧୁ ସଙ୍ଗ କ୍ଷଣେ ମାତ୍ର ମିଳିଲେ ଜୀବ ଧନ୍ୟ ହୋଇଯାଏ । ଆଜି ମୋର ପରମ ସୌଭାଗ୍ୟ ଯେ ଆପଣମାନଙ୍କୁ ସାକ୍ଷାତ ଦର୍ଶନ ପାଇଲି । ମନୁଷ୍ୟ ଜନ୍ମ ଦୁର୍ଲ୍ଲଭ ହେଲେ ହେଁ କ୍ଷଣଭଙ୍ଗୁର । ଯେଉଁମାନେ ଗୋବିନ୍ଦ ପୟରେ ଚିତ୍ତ ଅର୍ପଣ କରନ୍ତି ସେହିମାନେ କେବଳ ଧନ୍ୟ । ଯଦି ମୁଁ ଆପଣଙ୍କ ବିଚାରରେ ଭାଗବତ ଧର୍ମ ଶ୍ରବଣ କରିବାକୁ ଯୋଗ୍ୟ ତାହାଲେ ଦୟାକରି ତାହା ପ୍ରକାଶ କରନ୍ତୁ । ନିମିଙ୍କର ଏପରି ବିନୟ ବାକ୍ୟ ଶୁଣି ନବଋଷିଙ୍କର ଜ୍ୟୋଷ୍ଠଭ୍ରାତା କହିଲେ, ଭାଗବତ ଧର୍ମ ପ୍ରସାଦରୁ ମୋର ନିର୍ଗୁଣ ଅବସ୍ଥା ପ୍ରାପ୍ତ ହୋଇଛି । ବିଷ୍ଣୁ ଚରଣରେ ଶରଣ ନେଲେ ବିଷ୍ଣୁ ମାୟା ମୋହିତ କରିପାରେନାହିଁ ଏବଂ ନାମ ଉଚ୍ଚାରଣ କଲେ ସମସ୍ତ ଅଶୁଭ ଦୂର ହୋଇ ଦୁଃଖ ନାଶ ହୁଏ । ଶରୀର ସୁଖ, ଦାରା, ସୁତଦି ଦ୍ୱାରା ମୋହିତ ହୋଇ ଅଶେଷ ଯୋନିରେ ଭ୍ରମଣ କରି ଦୁଃଖକୁ ହିଁ ପ୍ରାପ୍ତ ହୁଏ । ସେଥିରୁ ମୁକ୍ତ ସୁଦୂର ପରାହତ କିନ୍ତୁ ଗୋବିନ୍ଦ ପଦାଶ୍ରୟୀକୁ ମାୟା ମୋହିତ କରିପାରେ ନାହିଁ । ସେ ଅଚିରେ ନିଜକୁ ସଂଶୋଧନ କରିପାରେ; ଏହା ହିଁ ଭାଗବତ ଧର୍ମ । ଏହାକୁ ଆଚରଣ କଲେ ପ୍ରାଣୀ ପ୍ରମାଦ ଶୂନ୍ୟ ହୁଏ । ଭଗବାନ ତାକୁ ବିପଦ ଆପଦରୁ ରକ୍ଷା କରନ୍ତି । ବେଦ ବଚନ ଓ ଧର୍ମଶାସ୍ତ୍ର ବିପ୍ରଙ୍କର ଦୁଇ ନେତ୍ର ସଦୃଶ । ଏକର ଅଭାବରେ କନା ଓ ଦୁଇଟିର ଅଭାବରେ ଅନ୍ଧ । ଏହିପରି ଅନ୍ଧ ବିପ୍ର ଯଦି ଗୋବିନ୍ଦ ପୟରରେ ମନରଖେ କୌଣସି ଅମଙ୍ଗଳ ତାହାର ହୁଏନାହିଁ । ଏହା ସ୍ୱୟଂ ଭଗବାନଙ୍କ ଶ୍ରୀମୁଖ ନିସୃତ ଭାଗବତ ଧର୍ମ । ଏହାର ଆଚରଣରେ ସମସ୍ତ ପ୍ରକାର ଅନ୍ଧକାର ଦୂରହୋଇ ଜ୍ଞାନାଲୋକ ସ୍ୱତଃ ପ୍ରକାଶିତ ହୋଇଥାଏ । ହରି ବିମୁଖ ପ୍ରାଣୀ ପଶୁ ସହିତ ସମାନ, ହରି ଭଜନ ବିନା ଜୀବନର ମୂଲ୍ୟ କିଛି ନାହିଁ । ମନୁଷ୍ୟ ସ୍ୱପ୍ନକୁ ସତ୍ୟ ମନେକରି କ୍ଷଣସ୍ଥାୟୀ ଦାରା, ତନୟ ସୁଖରେ ଆତ୍ମବିଭୋର ହୁଏ ମାତ୍ର ତାହା ପରବର୍ତ୍ତି ସମୟରେ ଦୁଃଖଦାୟକ ସିଦ୍ଧ ହୋଇଥାଏ । ରାଜା, ଏହି ଭଜନ ଖୁବ୍ ସହଜସାଧ୍ୟ ନୁହେଁ । ବଳବାନ ମନକୁ ଆୟତ୍ତ କରି ହରିପାଦରେ ଲଗାଇବା ଯୋଗୀଜନଙ୍କ ନିମନ୍ତେ ମଧ କଷ୍ଟକର । ଏଥିପାଇଁ କଠୋର ସାଧନା, ଚିତ୍ତର ଦୃଢତା ଓ ସହନଶୀଳତା ଆବଶ୍ୟକ । ବିଷ୍ଣୁମାୟାକୁ ଅତିକ୍ରମ କରିବାକୁ ନବଧା ଭକ୍ତି(ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ, ସ୍ମରଣଂ ପାଦ ସେବନଂ ; ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମ୍ୟ ନିବେଦନଂ ।) ନିତ୍ୟ ଅଭ୍ୟାସ ଆବଶ୍ୟକ । ଅବଶ୍ୟ ଥରେ ଭକ୍ତିରସ ଆସ୍ୱାଦନ କଲେ ପ୍ରାଣୀ ସେଥିରେ ତନ୍ମୟ ହୋଇ ବାତୁଳ ପ୍ରାୟ ନୃତ୍ୟକରେ, ଲୋକ ସମ୍ପର୍କ ପରିହାର କରି ସର୍ବତ୍ର କୃଷ୍ଣ ଦର୍ଶନ କରି ସମଦର୍ଶୀ, ଦୟାଳୁ ଓ ବିନୟୀ ହୋଇଥାଏ ।କୃଷ୍ଣ ଭକ୍ତି ଏପରି ଯେ ପ୍ରାଣୀ ଥରେ ତାଙ୍କ ଆଡକୁ ପାଦେ ପକାଇ ଅଗ୍ରସର ହେଲେ ଭଗବାନ ଦଶପାଦ ପକାଇ ତା ନିକଟକୁ ଆସନ୍ତି । ପିଲାପରି ତା ସହ ଖେଳନ୍ତି, ନାଚନ୍ତି ଏବଂ ଦୃଷ୍ଟିପଥରେ ରଖିଥାନ୍ତି । ତେଣୁ ହେ ରାଜା, ଭାଗବତ ଧର୍ମକୁ ଏପରି ଆଶ୍ରୟ କରିବା ଉଚିତ । ପ୍ରାଣୀମାତ୍ରେ କୁବାକ୍ୟ ବା କଠୋର ବାକ୍ୟ କହିବ ନାହିଁ, ମଧୁର ଓ ବିନୟ ପୂର୍ଣ୍ଣ ବାକ୍ୟ କହି ପ୍ରାଣୀର ସନ୍ତୋଷ ବିଧାନ କରିବ । ପୃଥିବୀରେ ଯେତେ ଶକ୍ତିଶାଳୀ ହେଲେ ବି ସର୍ବଦା ସବୁ ପରିସ୍ଥିତିରେ ହୁଏତ ସାହାଯ୍ୟ କରିନପାରେ ମାତ୍ର ମଧୁର ବଚନ କହି ପ୍ରାଣୀର ହୃଦୟରେ କିଛି ଶାନ୍ତି, ସାନ୍ତ୍ୱନା ପ୍ରଦାନ କରିବା ଉଚିତ । ଏହି ସାଧନା କରିପାରିଲେ ସ୍ୱତଃ ଜ୍ଞାନର ଉଦୟ ହୁଏ । ସର୍ବତ୍ର ଭଗବତ ସତ୍ତାର ଅନୁଭୂତି ହୁଏ । ଭଗବାନଙ୍କଠାରେ ଭକ୍ତିର ଉଦ୍ରେକ ହୁଏ । କ୍ରମେ ମାୟା ସୁଖ ପ୍ରତି ଅନାଗ୍ରହୀ ହୋଇ ବୈରାଗ୍ୟ ଜାତ ହେବାରୁ ନିରାନନ୍ଦ ଭାବ କଟିଯାଇ ନିର୍ମଳ ଆନନ୍ଦ ଆସ୍ୱାଦନରେ ତାର ଚିତ୍ତରେ ଶାନ୍ତି ଆସେ । ତୃତୀୟ ତାପ ବା ତମୋଭାବ ହୃଦୟରୁ ଅବଲୁପ୍ତ ହୁଏ ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ଗାଣ୍ଠି

# ବିଭିନ୍ନତା ହିଁ ପୃଥିବୀକୁ ସୁନ୍ଦର କରେ



ଶ୍ୱେତା ରାଉତ୍

ଯଦି ପୃଥିବୀରେ ସବୁ ମଣିଷ ଏକାପରି ଦିଶନ୍ତେ,ଏକାଭଳି ହସନ୍ତେ, ଏକା ଖାଦ୍ୟ ଖାଉଥାନ୍ତେ, ଏକ ପ୍ରକାର କାମ କରୁଥାନ୍ତେ, ଏକା ପ୍ରକାର ପୋଷାକ ପିନ୍ଧୁଥାନ୍ତେ,ଏକ ସମୟରେ ଶୋଉଥାନ୍ତେ ଆଉ ଉଠୁଥାନ୍ତେ, ପ୍ରତିଦିନ ସବୁକିଛି କେବଳ ଗୋଟିଏ ପ୍ରକାର ହେଉଥାନ୍ତା, ବଜାରରେ ପୋଷାକ ଗୋଟିଏ ରଙ୍ଗ ଗୋଟିଏ ଡିଜାଇନର ମିଳୁଥାନ୍ତା, ଖାଇବା ଗୋଟିଏ ପ୍ରକାର ସବୁଦିନ ଖାଉଥାନ୍ତେ, ତାହେଲେ ଥରେ ନିଜେ ବିଚାର କଲେ ଆମକୁ କଣ ଭଲ ଲାଗୁଥାନ୍ତା ? ଗୋଟିଏ ସପ୍ତାହ ଯଦି ଆପଣ ଗୋଟିଏ ପ୍ରକାର (ଯେତେ ଦାମିକା ହେଉ)ଖାଦ୍ୟ ଖାଇବେ, ନିଶ୍ଚୟ ଆପଣଙ୍କୁ ଭଲ ଲାଗିବ ନାହିଁ, ସେହି ଖାଦ୍ୟ ବଦଳରେ ଅଲଗା କିଛି ଚାହିଁବେ, ଗୋଟିଏ ଡ୍ରେସ୍ ଲଗାତାର ଆଠ ଦିନ ପିନ୍ଧିଲେ ଆପଣଙ୍କୁ ଭଲ ଲାଗିବ ନାହିଁ, ଗୋଟିଏ ହସ କଥା(joke)ଶୁଣି ପ୍ରଥମ ଥର ଆପଣ ଯେତେ ଯୋର୍ ହସିଥିବେ, ଦଶଥର ଶୁଣିବା ପରେ ହୁଏତ ସେଭଳି ହସ ଲାଗିବ ନାହିଁ, ଯଦିଓ କଥା ବା ଜୋକ୍ ସେଇ ଏକା।

ଏକଥା ମୁଁ ଏଥିପାଇଁ କହିଲି, ଆମମାନଙ୍କର ଧାରଣା ଅଛି ଯଦି ସମସ୍ତଙ୍କ ସ୍ୱଭାବ ଆମ ଭଳି ହେବ ତେବେ ସମ୍ପର୍କ ମଧୁର ରହିବ। ଆମେ ସମସ୍ତେ ଭଲଭାବେ ଜାଣନ୍ତି ବିଭିନ୍ନତା ହିଁ ପୃଥିବୀକୁ ସୁନ୍ଦର କରେ। ବିଭିନ୍ନ ଫୁଲ, ବିଭିନ୍ନ ରଙ୍ଗ, ବିଭିନ୍ନ ପୋଷାକ, ବିଭିନ୍ନ ଭାଷା, ବିଭିନ୍ନ ଖାଦ୍ୟ, ବିଭିନ୍ନ ଗୁଣ, ବିଭିନ୍ନ ଖେଳ, ବିଭିନ୍ନ ପର୍ବ ଇତ୍ୟାଦି। ଆମେ ସବୁବେଳେ ବିଭିନ୍ନତାକୁ ହିଁ ଭଲପାଆନ୍ତି। ନହେଲେ ମଣିଷ ବୋରିଂ ହୋଇଯାଆନ୍ତା। କିନ୍ତୁ ଯେତେବେଳ ଆମ ବିଚାରରେ, ସ୍ୱଭାବରେ, ସଂସ୍କାରରେ ବିଭିନ୍ନତା ଦେଖାଯାଏ ଆମେ ପସନ୍ଦ କରିନଥାନ୍ତି। ଆମେ ସବୁବେଳେ ଚାହାନ୍ତି ସମସ୍ତେ ଆମଭଳି ହୁଅନ୍ତୁ, ଆମେ ବହୁତ ଭଲ ଆଉ ସମସ୍ତେ ଖରାପ। ଯଦି ସାମନା ବାଲା ଆମ ହିସାବରେ ନରହିଲା ଆମେ ତାକୁ ଖରାପ ବା ଅସଂସ୍କାରୀ କହି ଆକ୍ଷେପ କରନ୍ତି।

ସେ ବି ତ ଇଶ୍ୱରଙ୍କ ବିଭିନ୍ନତା ଭରା ସୃଷ୍ଟିରେ ଗୋଟିଏ ଆତ୍ମା, ସେତେବେଳେ ଆମେ ଏକଥା କାହିଁକି ଭାବିପାରନ୍ତିନି ? ମୁଁ ସାରା ଜୀବନ ଆମିଷ ଖାଇନାହିଁ, ମୋତେ ତାର ସ୍ୱାଦ ଜଣାନାହିଁ, ତା ମାନେ ନୁହେଁ ଯେଉଁମାନେ ଆମିଷ ଖାଉଛନ୍ତି ମୁଁ ସେମାନଙ୍କୁ ପଶୁ ଭାବିବି କିମ୍ବା ଛି'ଛାକର କରିବି। ମୋତେ ଯାହା ଭଲ ନଲାଗିବ, ମାନେ ନୁହେଁ ଆଉ ଜଣକୁ ବି ଭଲ ନଲାଗୁ। ମୋ ସ୍ୱାମୀ ଓ ପରିବାରରେ ସମସ୍ତେ ଆମିଷ ଖାଇବାକୁ ଭଲପାଆନ୍ତି, ମୁଁ ଆଦୌ ଆମିଷ ଖାଏନାହିଁ, କିନ୍ତୁ ଆମ ଭିତରେ ସମ୍ପର୍କ ଖୁବ୍ ମଧୁର। ମୁଁ ଖୁବ୍ ଯତ୍ନରେ ତାଙ୍କ ପାଇଁ ଆମିଷ ରାନ୍ଧେ,ଆଉ ସେ ଖୁବ୍ ଶ୍ରଦ୍ଧାରେ ମୋ ପାଇଁ ଫଳମୂଳ ଆଣିଥାନ୍ତି। ମୁଁ ତାଙ୍କୁ ଆମିଷ ଛାଡିବାକୁ କୁହେନାହିଁ କି ସେ ମୋତେ ଆମିଷ ଖାଇବାକୁ କୁହନ୍ତି ନାହିଁ। ଆମେ ପରସ୍ପରର ପସନ୍ଦକୁ ସମ୍ମାନ କରୁ, ବିଚାରକୁ ସମ୍ମାନ କରୁ। ଇଶ୍ୱରଙ୍କ ସୃଷ୍ଟିରେ ଯାହାକୁ ଇଶ୍ୱର ଯେମିତି ଗଢିଛନ୍ତି, ତାକୁ ହସି ହସି ଆପଣେଇ ପାରିଲେ ସବୁ ସମ୍ପର୍କ ସୁନ୍ଦର ହୋଇପାରିବ।

ଆମ ପରିବାରରେ, ଆଖପାଖରେ ଅନେକ ବ୍ୟକ୍ତିଙ୍କର ବ୍ୟବହାର ଏମିତି ଥାଏ ଯାହା ଆମକୁ ଭଲ ଲାଗେନାହିଁ, କାରଣ ଆମେ ଆଶା କରୁ ଭଲ ବ୍ୟବହାର। ଏଇ ଆଶା କରିବାଟା ହିଁ ସବୁବେଳେ ମଣିଷର ଦୁଃଖର କାରଣ ହୋଇଥାଏ। ଯଦି ଆମେ ନିଜକୁ ବୁଝେଇ ପାରନ୍ତେ ସେ ଆତ୍ମାର ସଂସ୍କାର ହିଁ ସେମିତି, ତାକୁ ଇଶ୍ୱର ସେମିତି ଗୁଣ ଦେଇ ପୃଥିବୀକୁ ପଠେଇଛନ୍ତି ଏବଂ ତାର ଉଦ୍ଦେଶ୍ୟ ଇଶ୍ୱରଙ୍କୁ ହିଁ ଜଣା, ତାହେଲେ ଆମେ ସେ ଲୋକର ବ୍ୟବହାରକୁ ଭାବି ଅଧିକ ବିଚଳିତ ହୁଅନ୍ତେ ନାହିଁ। ସବୁବେଳେ ଲକ୍ଷ କରିବେ, ଯେତେବେଳେ ଆମେ ଅଧିକ ବିଚଳିତ ହୁଅନ୍ତି, ଚିଡିଚିଡା ହୁଅନ୍ତି, ସେତେବେଳେ ଆମେ ଅନ୍ୟଠୁ କିଛି ଆଶା କରୁଥାନ୍ତି। ଯଦି କିଛି ଆଶା ନରହିବ ତେବେ ଅସନ୍ତୋଷ କୁଆଡୁ ଆସିବ ? ଅନ୍ୟର ବ୍ୟବହାର, ସଂସ୍କାର, ରଚି ଯଦି ଆମକୁ ଭଲ ନଲାଗୁଛି ତେବେ ଆମେ ଅନ୍ୟକୁ ଖରାପ କହିବା ଅପେକ୍ଷା ଆମ ନିଜର ବିଚାରକୁ ବଦଳେଇବା ନିହାତି ଜରୁରୀ। ହୁଏତ ଆମେ ଅନ୍ୟକୁ ବଦଳାଇ ପାରନ୍ତିନି ସହଜରେ, କିନ୍ତୁ ନିଜକୁ ବଦଳେଇବାର ରିମୋଟ୍ ଆମ ହାତରେ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ହେଲିକୋବ୍ୟାକ୍ଟର ପାଇଲୋରିର ଭୂମିକା



ଗ୍ୟାଷ୍ଟ୍ରାଇଟିସ୍ ଏମିତି ଏକ ଅବସ୍ଥା, ଯେଉଁଥିରେ ପେଟର ଭିତର ସ୍ତରରେ ପ୍ରଦାହ ହୋଇଥାଏ। ଏହାର ଲକ୍ଷଣଗୁଡ଼ିକ ହେଲା- ପେଟର ଉପର ଭାଗରେ ଯନ୍ତ୍ରଣା ବା ଜଳାପୋଡ଼ା, ବାନ୍ତି ଲାଗିବା, ବାନ୍ତି ହେବା ଓ ପେଟ ଭର୍ତ୍ତି ଥିବା ପରି ଲାଗିବା। ପେଟର ପ୍ରତିରକ୍ଷା କବଚ ଭାବେ କାମ କରୁଥିବା ପତଳା ମ୍ୟୁକୋସାଲ୍ ସ୍ତର ନଷ୍ଟ ହୋଇଗଲେ ପାଚକ ରସ ସିଧାସଳଖ ପେଟର ସ୍ତର ସଂସ୍ପର୍ଶରେ ଆସି କ୍ଷତ ଓ ପ୍ରଦାହ ସୃଷ୍ଟି କରେ। ଏହା ଦୁଇ ପ୍ରକାରର: ଆକ୍ୟୁଟ୍ ଓ କ୍ରୋନିକ୍। ଆକ୍ୟୁଟ୍ ଗ୍ୟାଷ୍ଟ୍ରାଇଟିସ୍ ସ୍ୱଳ୍ପ ସମୟ ପାଇଁ ହୋଇଥାଏ। କିନ୍ତୁ କ୍ରୋନିକ୍ ଗ୍ୟାଷ୍ଟ୍ରାଇଟିସ୍ ଦୀର୍ଘ ସମୟ ଧରି ରହିଥାଏ, ଯାହା ଶେଷରେ ପେଟରେ ଘା' ବା ଅଲ୍‌ସର୍ ସୃଷ୍ଟି କରେ। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା- ଏଚ୍ ପାଇଲୋରି ସଂକ୍ରମଣ, ଅଧିକ ମାତ୍ରାରେ ଯନ୍ତ୍ରଣାନାଶକ ଔଷଧ ସେବନ ଓ କେତେକ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ସମ୍ବନ୍ଧୀୟ ସମସ୍ୟା ।ପ୍ରାୟ ୯୦% କ୍ରୋନିକ୍ ଗ୍ୟାଷ୍ଟ୍ରାଇଟିସ୍ ଏଚ୍ ପାଇଲୋରି ବ୍ୟାକ୍ଟେରିଆ ଯୋଗୁଁ ହୋଇଥାଏ। ଯଦି ଏହାର ଚିକିତ୍ସା କରା ନଯାଏ, ତେବେ ଏହା ପେଟରେ ଅଲ୍‌ସର୍ ଓ ଦୀର୍ଘ ସମୟ ପରେ ପେଟ କର୍କଟର କାରଣ ହୋଇପାରେ। ଏହା ପାଟିରୁ ପାଟିକୁ ସଂସ୍ପର୍ଶ ବା ଦୂଷିତ ଖାଦ୍ୟ ତଥା ଜଳ ମାଧ୍ୟମରେ ବ୍ୟାପିଥାଏ। ଓଜନ କମିବା, ଭୋକ ନଲାଗିବା, ବାରମ୍ବାର ବାନ୍ତି ହେବା, କଳା ରଙ୍ଗର ମଳ, ରକ୍ତ ବାନ୍ତି ଓ ପେଟର ଉପରି ଭାଗ ଫୁଲିବା ଭଳି ଲକ୍ଷଣ ଦେଖାଗଲେ ସତର୍କ ହେବା ଉଚିତ। ତେଣୁ ଏଚ୍ ପାଇଲୋରି ସଂକ୍ରମଣର ଚିହ୍ନଟ ଓ ନିରାକରଣ ଅତି ଜରୁରି। ଏହାକୁ ଚିହ୍ନଟ କରିବା ପାଇଁ ଷ୍ଟୁଲ୍ ଆଣ୍ଟିଜେନ୍ ଟେଷ୍ଟ୍ ଓ ଅପର ଜି.ଆଇ. ଏଣ୍ଡୋସ୍କୋପି ଭଳି ପରୀକ୍ଷା ରହିଛି। ଏଣ୍ଡୋସ୍କୋପିକୁ ସବୁଠାରୁ ଉତ୍ତମ ପଦ୍ଧତି ଭାବେ ଗ୍ରହଣ କରାଯାଏ, କାରଣ ଏହା ସଂକ୍ରମଣ ସହିତ ପେଟରେ ଥିବା କ୍ଷତର ପ୍ରକାର ଓ କେତେ ଗୁରୁତର ଜାଣିବାରେ ସାହାଯ୍ୟ କରେ। ଏନ୍‌ବିଆଇ ଭଳି ଆଜିକାଲିର ଉନ୍ନତ ଏଣ୍ଡୋସ୍କୋପି ଦ୍ୱାରା ଗ୍ୟାଷ୍ଟ୍ରିକ୍ ଆଟ୍ରୋଫି ଓ କର୍କଟ ରୋଗର ଆଦ୍ୟ ଅବସ୍ଥା ଜାଣି ହେଉଛି। ଏଣ୍ଡୋସ୍କୋପି ସମୟରେ ଟିସୁ ନମୁନା ସଂଗ୍ରହ କରାଯାଇ ଔଷଧର ପ୍ରତିରୋଧକ ଶକ୍ତି ମଧ ପରୀକ୍ଷା କରାଯାଇପାରୁଛି।

ଆଣ୍ଟିବାୟୋଟିକ୍ ପ୍ରତିରୋଧକ ଶକ୍ତି ଯୋଗୁଁ ଏଚ୍ ପାଇଲୋରିର ଚିକିତ୍ସା କଷ୍ଟକର ହୋଇଥାଏ। ଏଥିପାଇଁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ଦୁଇଟି ଆଣ୍ଟିବାୟୋଟିକ୍ ଏବଂ ପେଟରେ ଏସିଡ୍ କମାଇବା ପାଇଁ ପିପିଆଇ ଔଷଧ ଦିଆଯାଏ। ଚିକିତ୍ସା ପରେ ସଂକ୍ରମଣ ସମ୍ପୂର୍ଣ୍ଣ ଦୂର ହୋଇଛି କି ନାହିଁ, ତାହା ନିଶ୍ଚିତ କରିବା ଜରୁରି। ସ୍ୱଚ୍ଛତା ରକ୍ଷା, ହାତ ଧୋଇବା, ପରିଷ୍କାର ଖାଦ୍ୟ ଓ ପାଣି ପିଇବା ଦ୍ୱାରା ଏଥିରୁ ବର୍ତ୍ତିହେବ। ମଦ୍ୟପାନ, ଧୂମପାନ ଓ ଡାକ୍ତରଙ୍କ ବିନା ପରାମର୍ଶରେ ଯନ୍ତ୍ରଣାନାଶକ ଔଷଧ ସେବନ ଉଚିତ ନୁହେଁ। ଜୀବନଶୈଳୀରେ ପରିବର୍ତ୍ତନ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗ୍ୟାଷ୍ଟ୍ରାଇଟିସ୍‌କୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି କର୍କଟ ରୋଗ ଭଳି ବିପଦକୁ ଏଡ଼ାଇ ଦିଆଯାଇପାରିବ।

# କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

**ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...**

■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡ୍ଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

# ଇସ୍ରାଏଲ୍ ବାଦ୍, ଇରାନକୁ ଅନୁଦାନ: ଲିକ୍ ହୋଇଥିବା ଚୁକ୍ତିର ଅର୍ଥନୈତିକ ତର୍ଜମା

ସାମ୍ପ୍ରତିକ ବିଶ୍ୱ ଭୂ-ରାଜନୀତିରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ଆଭାସ ଦେଇ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଚଉଦ ସୂତ୍ରୀୟ ବୁଝାମଣାପତ୍ର ବା ଏମଓୟୁର ତଥ୍ୟ ଲିକ୍ ହୋଇ ସାମ୍ନାକୁ ଆସିଛି । ସାଉଦି ଆରବର ପ୍ରମୁଖ ଗଣମାଧ୍ୟମ ନେଟୱାର୍କ 'ଅଲ୍ ଆରାବିୟା' ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ଆନ୍ତର୍ଜାତୀୟ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଏହି ଗୋପନୀୟ ଡ୍ରାଫ୍ଟ ଚୁକ୍ତିନାମା ସମଗ୍ର ମଧ୍ୟପ୍ରାଚ୍ୟର ସମୀକରଣକୁ ବଦଳାଇ ଦେବାର କ୍ଷମତା ରଖିଛି । ଏହି ବୁଝାମଣାର ମୂଳ ଭିତ୍ତିଭୂମି ହେଉଛି ଏକ ଐତିହାସିକ ଆଦାନପ୍ରଦାନ, ଯେଉଁଥିରେ ଇରାନ ଭବିଷ୍ୟତରେ କେବେହେଲେ ପରମାଣୁ ଅସ୍ତ୍ର ନିର୍ମାଣ ନକରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ, ଏହାର ପ୍ରତିବଦଳରେ ଆମେରିକା ଇରାନ ଉପରୁ ସମସ୍ତ ପ୍ରକାରର ଅର୍ଥନୈତିକ କଟକଣା ହଟାଇବା ସହ ଇରାନର ପୁନର୍ଗଠନ ପାଇଁ ୩୦୦ ବିଲିୟନ ଡଲାରର ଏକ ବିଶାଳ ଆର୍ଥିକ ପ୍ୟାକେଜ୍ ଯୋଗାଇଦେବାକୁ ସମ୍ମତି ପ୍ରଦାନ କରିଛି । ଆସନ୍ତା ଜୁନ୍ ୧୯, ୨୦୨୬ ତାରିଖରେ ସୁଇଜରଲ୍ୟାଣ୍ଡର ଜେନେଭାଠାରେ ଏହି ଚୁକ୍ତିନାମା ଆନୁଷ୍ଠାନିକ ଭାବେ ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି । ଦୀର୍ଘ ଦିନ ଧରି ଲାଗି ରହିଥିବା ଶତ୍ରୁତା, ଯୁଦ୍ଧ ଏବଂ ଅବିଶ୍ୱାସର ବାତାବରଣ ମଧ୍ୟରେ ଏହି ବୁଝାମଣାପତ୍ର କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ଅର୍ଥନୀତି ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି କୂଟନୈତିକ ବିଶେଷଜ୍ଞମାନେ ମତ ପୋଷଣ କରୁଛନ୍ତି ।

ଏହି ଚୁକ୍ତିନାମାର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଥିବା ତିକ୍ତତାର ଇତିହାସ ବେଶ୍ ପୁରୁଣା । ୨୦୧୫ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସମୟରେ ସ୍ୱାକ୍ଷରିତ ହୋଇଥିବା 'ଜଏଣ୍ଟ କମ୍ପ୍ରିହେନ୍ସିଭ୍ ପ୍ଲାନ୍ ଅଫ୍ ଆକ୍ସନ୍' ବା ଇରାନ ପରମାଣୁ ଚୁକ୍ତିକୁ ୨୦୧୮ ମସିହାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକତରଫା ଭାବେ ବାତିଲ କରିଦେଇଥିଲେ । ଏହାପରେ ଇରାନ ଉପରେ କଠୋର ଆର୍ଥିକ ପ୍ରତିବନ୍ଧକ ଲଗାଯିବା ସହ ମଧ୍ୟପ୍ରାଚ୍ୟରେ ଏକ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଥିଲା । ସାମ୍ପ୍ରତିକ ପରିସ୍ଥିତିରେ ପାକିସ୍ତାନ ଏବଂ କତାର ଭଳି ଦେଶମାନଙ୍କ ମଧ୍ୟସ୍ଥତାରେ ପ୍ରାୟ ଶହେ ଦିନ ଧରି ଚାଲିଥିବା ଭୟଙ୍କର ସାମରିକ ସଂଘର୍ଷ ପରେ ଉଭୟ ପକ୍ଷ ଏକ ଯୁଦ୍ଧବିରତିରେ ପହଞ୍ଚିବାକୁ ପ୍ରୟାସ କରିଛନ୍ତି । ଏହି ଯୁଦ୍ଧବିରତିର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବର୍ତ୍ତମାନର ଏହି ୧୪-ସୂତ୍ରୀୟ ବୁଝାମଣାପତ୍ର ପ୍ରସ୍ତୁତ କରାଯାଇଛି । ଏହି ଡ୍ରାଫ୍ଟରେ ଉଲ୍ଲେଖ କରାଯାଇଛି ଯେ ଉଭୟ ଦେଶ ଲେବାନନ୍ ସମେତ ସମସ୍ତ ସାମ୍ମୁଖ୍ୟରେ ତୁରନ୍ତ ଏବଂ ସ୍ଥାୟୀ ଭାବେ ଯୁଦ୍ଧ ବନ୍ଦ କରିବେ । ଏହି ପରିପ୍ରେକ୍ଷୀରେ ଇରାନ ପରମାଣୁ ଅସ୍ତ୍ର ପ୍ରସାର ନିରୋଧ ଚୁକ୍ତି ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇବା ସହ କୌଣସି ପରିସ୍ଥିତିରେ ପରମାଣୁ ବୋମା ତିଆରି କରିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛି । ଏହା ବଦଳରେ ଆମେରିକା ଇରାନର ସାର୍ବଭୌମତ୍ୱକୁ ସମ୍ମାନ ଜଣାଇବା ସହ ଏହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବାକୁ ରାଜି ହୋଇଛି । ଏହି ଚୁକ୍ତିନାମାରେ ଆମେରିକା ଏବଂ ଇରାନ ସମେତ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ଶକ୍ତିମାନଙ୍କର ସହମତି ମଧ୍ୟ ସାମିଲ ରହିଛି, ଯାହାକି ଏହାକୁ ଏକ ବହୁପାକ୍ଷିକ ସମାଧାନର ରୂପ ଦେଉଛି ।

ଏହି ବୁଝାମଣାର ସବୁଠାରୁ ଆକର୍ଷଣୀୟ ଏବଂ ଚର୍ଚ୍ଚିତ ଦିଗଟି ହେଉଛି ଇରାନ ପାଇଁ ଘୋଷଣା କରାଯାଇଥିବା ୩୦୦ ବିଲିୟନ ଡଲାରର ଆର୍ଥିକ ସହାୟତା ପ୍ୟାକେଜ୍ । ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରମାନେ ମିଳିତ ଭାବେ ଇରାନର ଅର୍ଥନୈତିକ ବିକାଶ ଏବଂ ପୁନର୍ଗଠନ ପାଇଁ ଏହି ବିପୁଳ ଅର୍ଥରାଶିର ବ୍ୟବସ୍ଥା କରିବେ ବୋଲି କୁହାଯାଉଛି । ଦୀର୍ଘ ବର୍ଷ ଧରି କଠୋର କଟକଣା ମଧ୍ୟରେ ପେଶି ହୋଇଯାଇଥିବା ଇରାନର ଅର୍ଥନୀତି ପାଇଁ ଏହା ଏକ ସଞ୍ଜୀବନୀ ସଦୃଶ କାର୍ଯ୍ୟ କରିବ । କେବଳ ସେତିକି ନୁହେଁ, ବିଦେଶରେ ଅଟକି ରହିଥିବା ଇରାନର ପ୍ରାୟ ୨୪ ବିଲିୟନ ଡଲାରର ପାଣ୍ଠିକୁ ମଧ୍ୟ ମୁକୁଳାଇବା ପାଇଁ ଆମେରିକା ସବୁଜ ସଙ୍କେତ ଦେଇଛି । ଚୁକ୍ତି ଅନୁଯାୟୀ, ୬୦ ଦିନିଆ ଚୂଡ଼ାନ୍ତ ଆଲୋଚନା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏହି ପାଣ୍ଠିର ଅଧା ଅର୍ଥାତ୍ ୧୨ ବିଲିୟନ ଡଲାର ଇରାନକୁ ହସ୍ତାନ୍ତର କରାଯିବ । ଏହା ସହିତ ଇରାନର ଅଶୋଧିତ ତୈଳ, ପେଟ୍ରୋକେମିକାଲ୍ ଦ୍ରବ୍ୟ ଏବଂ ବ୍ୟାଙ୍କିଙ୍ଗ୍ ସେବା ଉପରେ ଲାଗିଥିବା କଟକଣାକୁ ଆଲୋଚନା ଅବଧି ମଧ୍ୟରେ ସ୍ଥଗିତ ରଖାଯିବ । ତଥ୍ୟଭିତ୍ତିକ ବିଶ୍ଳେଷଣରୁ ସ୍ପଷ୍ଟ ହୁଏ ଯେ, ଯଦି ଇରାନ ନିଜର ତୈଳ ରପ୍ତାନି ପୁନର୍ବାର ଆରମ୍ଭ କରେ, ତେବେ ବିଶ୍ୱ ବଜାରରେ ତୈଳ ଦର ନିୟନ୍ତ୍ରଣକୁ ଆସିବ ଏବଂ ବିଶ୍ୱ ଅର୍ଥନୀତିରେ ଥିବା ମୁଦ୍ରାସ୍ଫୀତି ସମସ୍ୟା ବହୁମାତ୍ରାରେ ହ୍ରାସ ପାଇବ । ବିଶ୍ୱ ବଜାରରେ ତୈଳର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ ହେଲେ ଏହା ବିକାଶଶୀଳ ଦେଶମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେବ । ତେଣୁ ଏହି ଚୁକ୍ତି କେବଳ ଇରାନ ପାଇଁ ଲାଭଦାୟକ ନୁହେଁ, ବରଂ ସମଗ୍ର ବିଶ୍ୱ ବଜାର ପାଇଁ ଏକ ସକାରାତ୍ମକ ବାର୍ତ୍ତା ବହନ କରୁଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଏହି ପୁନର୍ଗଠନ ପାଣ୍ଠି ମାଧ୍ୟମରେ ଇରାନର ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ ବ୍ୟାପକ ବିକାଶ ସମ୍ଭବପର ହୋଇପାରିବ । ଅନ୍ୟପକ୍ଷରେ, ଇରାନର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅନ୍ତର୍ଜାତୀୟ ଆର୍ଥିକ ନେଟୱାର୍କ ସହିତ ପୁନଃ ସଂଯୋଗ କରିବା ଦ୍ୱାରା ଇରାନର ମୁଦ୍ରା 'ରିଆଲ୍'ର ମୂଲ୍ୟ ବୃଦ୍ଧି ପାଇବ ଏବଂ ଦେଶର ସାଧାରଣ ଜନତାଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ । ଆମେରିକାର ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି ଯେ ଏହି ବିପୁଳ ପାଣ୍ଠି କେବଳ ଏକ ଅନୁଦାନ ନୁହେଁ, ବରଂ ଏହା ଏକ ଦୀର୍ଘମିଆଦୀ ପୁଞ୍ଜିନିବେଶ ଯାହାକି ଇରାନକୁ ବିଶ୍ୱ ଅର୍ଥନୀତି ସହିତ ଯୋଡ଼ି ରଖିବାରେ ସାହାଯ୍ୟ କରିବ। ଏହା ଦ୍ୱାରା ଇରାନର ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଦେଶ ମଧ୍ୟରେ ଅର୍ଥନୈତିକ ସ୍ଥିରତା ଆସିବ ।

ସାମରିକ ଏବଂ ଭୂ-ରଣନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଏହି ଡ୍ରାଫ୍ଟ ଚୁକ୍ତିରେ ଅନେକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖାଯାଇଛି । ଚୁକ୍ତି ସ୍ୱାକ୍ଷରିତ ହେବାର ୩୦ ଦିନ ମଧ୍ୟରେ ଇରାନ ଉପରେ ଥିବା ନୌସେନା ଅବରୋଧକୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯିବ ଏବଂ ବିଶ୍ୱ ବାଣିଜ୍ୟର ଜୀବନରେଖା କୁହାଯାଉଥିବା ହରମୁଜ୍ ପ୍ରଣାଳୀକୁ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ପୁନର୍ବାର ଖୋଲାଯିବ । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱର ପ୍ରାୟ କୋଡ଼ିଏ ପ୍ରତିଶତ ଅଶୋଧିତ ତୈଳ ଏହି ହରମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ । ତେଣୁ ଏହି ଜଳପଥର ସୁରକ୍ଷା ବିଶ୍ୱ ଇନ୍ଧନ ନିରାପତ୍ତା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ଏହାବ୍ୟତୀତ ଆମେରିକା ଇରାନ ଚାରିପାଖରୁ ନିଜର ସାମରିକ ବାହିନୀକୁ ପ୍ରତ୍ୟାହାର କରିନେବାକୁ ପ୍ରତିଶ୍ରୁତି ଦେଇଛି ଏବଂ ଆଗାମୀ ୬୦ ଦିନର ଆଲୋଚନା ସମୟରେ ମଧ୍ୟପ୍ରାଚ୍ୟରେ ନୂତନ ସୈନ୍ୟ ମୁତୟନ ନକରିବାକୁ ରାଜି ହୋଇଛି । ପରମାଣୁ ପ୍ରସଙ୍ଗକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ, ଇରାନ ନିଜର ୟୁରେନିୟମ୍ ସମୃଦ୍ଧିକରଣ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ପାଇଁ ସମ୍ମତ ହୋଇଛି । ଲିକ୍ ହୋଇଥିବା ତଥ୍ୟ ଅନୁଯାୟୀ, ଚୂଡ଼ାନ୍ତ ଆଲୋଚନା ମୁଖ୍ୟତଃ ଇରାନ ନିକଟରେ ଥିବା ସମୃଦ୍ଧ ୟୁରେନିୟମ୍ ମହଜୁଦର ଭବିଷ୍ୟତ ଏବଂ ଶାନ୍ତିପୂର୍ଣ୍ଣ ବେସାମରିକ ପରମାଣୁ କାର୍ଯ୍ୟକ୍ରମ ଉପରେ କେନ୍ଦ୍ରିତ ହେବ । ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା ର ନିୟମିତ ତଦାରଖ ଏବଂ ପରିଦର୍ଶନ ପାଇଁ ଇରାନ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଆଶା କରାଯାଉଛି । ଏହି ସମୟସୀମା ମଧ୍ୟରେ ଉଭୟ ଦେଶ ଏକ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିବା ପାଇଁ ପ୍ରୟାସ କରିବେ, ଯାହାକୁ ପରବର୍ତ୍ତୀ ସମୟରେ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ଏକ ପ୍ରସ୍ତାବ ମାଧ୍ୟମରେ ଆଇନଗତ ମାନ୍ୟତା ପ୍ରଦାନ କରାଯିବ । ଏହା ଦ୍ୱାରା ଚୁକ୍ତିଟି ଆନ୍ତର୍ଜାତୀୟ ଆଇନ ଅନୁଯାୟୀ ବାଧ୍ୟତାମୂଳକ ହୋଇପାରିବ ।

ତେବେ ଏହି ଶାନ୍ତି ଚୁକ୍ତିର ରାସ୍ତା ଯେତେ ସହଜ ମନେହେଉଛି, ବାସ୍ତବରେ ତାହା ସେତେ ସୁଗମ ନୁହେଁ । ଏହି ଲିକ୍ ହୋଇଥିବା ବୁଝାମଣାପତ୍ରକୁ ନେଇ ଉଭୟ ଆମେରିକା ଏବଂ ଇରାନର ଆଭ୍ୟନ୍ତରୀଣ ରାଜନୀତିରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଆମେରିକାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଶାସନ ପାଇଁ ଏହି ୩୦୦ ବିଲିୟନ ଡଲାରର ପ୍ୟାକେଜକୁ ଦେଶବାସୀଙ୍କ ନିକଟରେ ଯୁକ୍ତିଯୁକ୍ତ ଦର୍ଶାଇବା ଏକ ବଡ଼ ଆହ୍ୱାନ ହେବ । ନିଜର କଠୋର ଆଭିମୁଖ୍ୟ ପାଇଁ ପରିଚିତ ଟ୍ରମ୍ପ ପ୍ରଶାସନ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସ ହଠାତ୍ ଇରାନକୁ ଏତେ ବଡ଼ ଆର୍ଥିକ ଅନୁଦାନ ଦେବାକୁ କାହିଁକି ରାଜି ହେଲେ, ତାହାକୁ ନେଇ ଆମେରିକୀୟ ଗଣମାଧ୍ୟମରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦିଓ ଆମେରିକା ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଅର୍ଥ ସିଧାସଳଖ ଆମେରିକା ରାଜକୋଷରୁ ଯିବ ନାହିଁ ଏବଂ ଏହା ଘରୋଇ ନିବେଶକାରୀଙ୍କ ମାଧ୍ୟମରେ ଆସିବ, ତଥାପି ଏହାକୁ ନେଇ ବିବାଦ ଲାଗିରହିଛି । ଏହା ସହିତ ଇସ୍ରାଏଲର ଭୂମିକାକୁ ନେଇ ମଧ୍ୟ ଅନେକ ସନ୍ଦେହ ରହିଛି । ଇସ୍ରାଏଲର ଲେବାନନ୍ ଉପରେ ଚାଲିଥିବା ଆକ୍ରମଣର ସମାଧାନ ବିନା ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଅସମ୍ଭବ।

ପରିଶେଷରେ, ଆମେରିକା ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ଏହି ୧୪-ସୂତ୍ରୀୟ ବୁଝାମଣାପତ୍ର ଏକ ଐତିହାସିକ ସୁଯୋଗ ଆଣିଦେଇଛି, ଯାହାକି ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ଶତ୍ରୁତାର ଅବସାନ ଘଟାଇପାରିବ । ୩୦୦ ବିଲିୟନ ଡଲାରର ପୁନର୍ଗଠନ ପ୍ୟାକେଜ୍ ଏବଂ ଆର୍ଥିକ କଟକଣା କୋହଳ ନିଶ୍ଚିତ ଭାବରେ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ବିରତ ରଖିବ । କିନ୍ତୁ ଏହି ଚୁକ୍ତିର ସଫଳତା ସମ୍ପୂର୍ଣ୍ଣ ରୂପେ ଉଭୟ ଦେଶର ରାଜନୈତିକ ଇଚ୍ଛାଶକ୍ତି ଏବଂ ପାରସ୍ପରିକ ବିଶ୍ୱାସ ଉପରେ ନିର୍ଭର କରେ। ଯଦି ଚୂଡ଼ାନ୍ତ ଆଲୋଚନା ସମୟରେ କୌଣସି ପକ୍ଷ ନିଜର ପ୍ରତିଶ୍ରୁତିରୁ ଓହରି ଯାଆନ୍ତି କିମ୍ବା ଆଭ୍ୟନ୍ତରୀଣ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରନ୍ତି, ତେବେ ଏହା ପୁନର୍ବାର ଏକ ଭୟଙ୍କର ଯୁଦ୍ଧର ସୂତ୍ରପାତ କରିବାର ଆଶଙ୍କା ରହିଛି । ଆଗାମୀ ୬୦ ଦିନର କୂଟନୈତିକ ପ୍ରକ୍ରିୟା ହିଁ ସ୍ଥିର କରିବ ଯେ ଏହି ଲିକ୍ ହୋଇଥିବା ବୁଝାମଣାପତ୍ର ମଧ୍ୟପ୍ରାଚ୍ୟରେ ଶାନ୍ତିର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ନା କେବଳ ଇତିହାସର ପୃଷ୍ଠାରେ ଏକ ବିଫଳ ପ୍ରୟାସ ହୋଇ ରହିଯିବ । ବିଶ୍ୱ ସମୁଦାୟ ବର୍ତ୍ତମାନ ଉତ୍କଣ୍ଠାର ସହ ଜେନେଭା ବୈଠକ ଏବଂ ମିଳିତ ଜାତିସଂଘର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରି ରହିଛି । ଯଦି ଏହି ଚୁକ୍ତି ବାସ୍ତବ ରୂପ ନିଏ, ତେବେ ଏହା ବିଶ୍ୱ ଶାନ୍ତି ଏବଂ ଅର୍ଥନୈତିକ ସ୍ଥିରତା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

## ଧୂନ ପ୍ରତିଧ୍ୱନ



# ସିଂହଦ୍ୱାର - ଚାରି ଦ୍ୱାର

**ସୁକାନ୍ତ ଛାଟୋଇ**

ଆମେ ଯେଉଁ ଘରେ ରହୁଛେ, ଆମ ଘରର ନିଶ୍ଚିନ୍ତ ଦ୍ୱାର ଥିବ। କାହାଙ୍କର ଗୋଟିଏ ଦ୍ୱାର, କାହାଙ୍କର ଦୁଇଟି ବା ବାସ୍ତୁଶାସ୍ତ୍ର ବା ନିଜ ସୁବିଧା ଅନୁଯାୟୀ ଦ୍ୱାର ଥିବ। ମର୍ତ୍ତ୍ୟ ମଣ୍ଡଳରେ ନିତ୍ୟ ଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରର ତାଙ୍କରି ଶ୍ରୀମନ୍ଦିରରେ ମଧ୍ୟ ଦ୍ୱାର ରହିଛି। ତାହାପୁଣି ଚାରୋଟି ଦ୍ୱାର। ବାସ୍ତବରେ ମହାପ୍ରଭୁଙ୍କର ସବୁକିଛି ଭିତରେ ହିଁ ରହିଛି ଉତ୍କଳୀୟ ମହାନ ସଂସ୍କୃତିର ଗରୀୟାନ ମହନୀୟତା ଓ ଉତ୍କର୍ଷତା। ମହାପ୍ରଭୁଙ୍କ ଧାମ ଶ୍ରୀକ୍ଷେତ୍ର ମନ୍ଦିର ଶ୍ରୀମନ୍ଦିର, ତାଙ୍କ ଦାଣ୍ଡର ନାମ ବଡ଼ଦାଣ୍ଡ, ପ୍ରସାଦ ହେଉଛି ମହାପ୍ରସାଦ। ମହାପ୍ରଭୁଙ୍କ ଶ୍ରୀମନ୍ଦିରର ଚାରିପଟକୁ ଯେଉଁ ପାଚେରୀ ସୁରକ୍ଷା କବଚ ସାଜିଛି ତାହା ହେଉଛି ମେଘନାଦ ପାଚେରୀ। ଏହାର ନିର୍ମାଣ ଶୈଳୀ ବ୍ୟବସ୍ଥା ଅନୁଯାୟୀ ଗୋଟିଏ ପାଚେରୀ ଭିତର ବେଢ଼ା ବା ଯାହାକୁ କୂର୍ମ ପାଚେରୀ କହନ୍ତି ଏହା କୋଡ଼ିଏ ଫୁଟ ଉଚ୍ଚ ସାଢ଼େ ଛଅଫୁଟ ପ୍ରସ୍ଥ, ୬୬୫ ଫୁଟ ଲମ୍ବ ଓ ୬୪୪ ଫୁଟ ଓସାର ବିଶିଷ୍ଟ ଏହି ଦୀର୍ଘକାୟ ପାଚେରୀ ହେଉଛି ମେଘନାଦ ପାଚେରୀ। ଖ୍ରୀଷ୍ଟାବ୍ଦ ୧୪୩୭-୧୪୬୮ ଶାସନ କାଳ ସମୟରେ ତତ୍କାଳୀନ ଗଜପତି ରାଜା କପିଳେନ୍ଦ୍ର ଦେବ ଏହାର ନିର୍ମାଣ କରିଥିଲେ। ମେଘନାଦ ପାଚେରୀ ନିର୍ମାଣକୁ ନେଇ ଅନେକ କାହାଣୀ, କଥା, ଉପକଥା, କିମ୍ବଦନ୍ତୀ ସବୁ ରହିଛି। ଶ୍ରୀମନ୍ଦିରର ନିକଟରେ ସାଗର ରାଜ ରହିଥିବାରୁ ଏହାର ଗୁରୁ ଗର୍ଜନ ମହାପ୍ରଭୁଙ୍କ ନିଦ୍ରା ବିଭ୍ରାଟ କରିବାରୁ ମହାପ୍ରଭୁ ଶାନ୍ତିରେ ନିଦ୍ରା ଯାଇପାରିଲେ ନାହିଁ। ତେଣୁ ଗଜପତିଙ୍କୁ ସ୍ୱପ୍ନାଦେଶ ଦେବା ପରେ ତୁରନ୍ତ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ତେବେ ଜଳାଧିପତି ବରୁଣ ମହାପ୍ରଭୁଙ୍କ ଏପରି କ୍ରୋଧ ସମ୍ପର୍କରେ ଶୁଣିବା ପରେ ବିଗଳିତ ହୋଇ ପ୍ରାର୍ଥନା କରିଥିଲେ।

ପ୍ରାର୍ଥନାର ସଂକଳ୍ପ କୃପା ସ୍ୱରୂପ ତାଙ୍କୁ ଅଭୟ ବର ପ୍ରଦାନ କରିଥିଲେ ଯେ ଗୁରୁ ଗର୍ଜନ ପ୍ରାଚୀର ଭେଦକରି ନ ଆସି ପାରିଲେ ମଧ୍ୟ ତୁମର ଅନ୍ୟ ଏକ ନାମ ଅନୁଯାୟୀ ମେଘନାଥ ଯାହାକି ବରୁଣଙ୍କ ଅନ୍ୟ ଏକ ନାମ ତାହା ମେଘନାଦ ପାଚେରୀ ଭାବେ ଭକ୍ତଜନଙ୍କ ନିକଟରେ କାଳ କାଳ ପାଇଁ ଏକ ଅମର ସ୍ମୃତି ହୋଇ ରହିଗଲା। କେବଳ ସେତିକି ନୁହେଁ ମହାପ୍ରଭୁଙ୍କ ଆଉ ଏକ ବରଦାନ ଅନୁଯାୟୀ ପ୍ରତି ଅମାବାସ୍ୟାରେ ତାଙ୍କୁ ଦର୍ଶନ ଦେବାର ସୌଭାଗ୍ୟ ମଧ୍ୟ ପ୍ରଦାନ କରିଥିଲେ। ସେହି ସମୟରୁ ପ୍ରତି ଅମାବାସ୍ୟାରେ ସମୁଦ୍ର ଆଳତୀ ନୀତି ନିର୍ବାହ ହୋଇ ଆସୁଅଛି। ଆମେ ଯେଉଁ ଶ୍ରୀମନ୍ଦିରର ପାଚେରୀ କଥା ଉଲ୍ଲେଖ କରୁଛୁ ଏହାର ଚାରିଟି ଦ୍ୱାର ରହିଛି। ଯଥା ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ। ଉତ୍ତର ଓ ପୂର୍ବ ଦ୍ୱାର। ସବୁବେଳେ ଖୋଲା ରହୁଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଦ୍ୱାର ନିୟମିତ ଆତଯାତ ପାଇଁ ବନ୍ଦ ରହି କେବଳ ଉତ୍ସବ ଓ ନବକଳେବର ସମୟରେ ଖୋଲା ହୁଏ। ଶ୍ରୀମନ୍ଦିରର ସତ୍ୱଲିପି ଓ ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି ମେଘନାଦ ପାଚେରୀର ଚର୍ତୁପାର୍ଶ୍ୱରେ ଚାରୋଟି ବିସ୍ତୃତ ଓ ପ୍ରକାଣ୍ଡକାୟ ପ୍ରଶସ୍ତ ଦ୍ୱାର ରହିଛି। ପୂର୍ବ ଦ୍ୱାରକୁ ସିଂହଦ୍ୱାର, ପଶ୍ଚିମ ଦ୍ୱାରକୁ ବ୍ୟାଘ୍ର ଦ୍ୱାର, ଉତ୍ତର ଦ୍ୱାରଟି ହସ୍ତୀ ଦ୍ୱାର ଓ ଦକ୍ଷିଣ ଦ୍ୱାରକୁ ଘୋଡ଼ା ଦ୍ୱାର ଭାବରେ ସମସ୍ତେ ଜାଣନ୍ତି।

ସିଂହଦ୍ୱାର : ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯିବାର ମୁଖ୍ୟ ପ୍ରବେଶ ପଥଟି ଯାହାକି ପୂର୍ବ ଦିଗରେ ରହିଛି ଏହା ହିଁ ସିଂହଦ୍ୱାର। ଅରୁଣସ୍ତମ୍ଭ ବିରାଜିତ ଏବଂ ଏଥି ଉପରେ ଭକ୍ତିଭରା ବିନୀତ ମୁଦ୍ରାରେ ଅରୁଣଙ୍କର ପାଷାଣ ମୂର୍ତ୍ତି ଦଣ୍ଡାୟମାନ। ଐତିହାସିକ ତଥ୍ୟ ଅନୁଯାୟୀ ଦ୍ୱିତୀୟ ଗଜପତି ଦିବ୍ୟସିଂହ ଦେବ ଏହାକୁ କୋଣାର୍କ ମନ୍ଦିର ସାମ୍ନାରୁ ଶ୍ରୀମନ୍ଦିର ପାଇଁ ଆଣିଥିଲେ। ଦୁଇ ସିଂହମୂର୍ତ୍ତି ବିରାଜିତ ଏବଂ ଏହାର ପଛପଟରେ ରହିଛି ଜୟବିଜୟଙ୍କ ମୂର୍ତ୍ତି। ପ୍ରକାଣ୍ଡକାୟ କବାଟର ଉଚ୍ଚତାର ପନ୍ଦର ଫୁଟ ଏବଂ କବାଟରେ ମା'ଲକ୍ଷ୍ମୀଙ୍କ ସହିତ ଦଶାବତାର ମୂର୍ତ୍ତି ରହିଛି। ତେବେ ଏହାର ସ୍ୱତନ୍ତ୍ରତା ହେଉଛି ଏହାର ଏକ 'ଚୋରା କବାଟ'ରହିଛି।

ଏହାକୁ କେହି କେହି 'ଧର୍ମଦ୍ୱାର' ବୋଲି କହିଥାନ୍ତି। ସିଂହଦ୍ୱାରବାଟେ ଶ୍ରୀମନ୍ଦିରକୁ ପ୍ରବେଶ କରିବାମାତ୍ରେ ବାମ ପାର୍ଶ୍ୱରେ ସିଦ୍ଧମହାବୀର ହନୁମାନ ଓ ଦକ୍ଷିଣ ଭାଗରେ ପତିତପାବନଙ୍କ ମୂର୍ତ୍ତି ବିରାଜିତ ହୋଇଥିବାବେଳେ ସାମ୍ନାକୁ ଆସିଥାଏ 'ବାଇଶ ପାହାଚ'।

ଘୋଡ଼ା ଦ୍ୱାର : ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱର ଦ୍ୱାରକୁ ଘୋଡ଼ା ଦ୍ୱାର ଭାବରେ ସମସ୍ତେ ଜାଣନ୍ତି। ଧାବମାନ ଘୋଡ଼ାର ମୂର୍ତ୍ତି ଦୁଇ ପାର୍ଶ୍ୱରେ ବିରାଜମାନ। ଏହି ଦ୍ୱାରର ଭିନ୍ନତା ହେଉଛି ଠାକୁରାଜା ଗଜପତି ମହାରାଜ ଓ ତାଙ୍କ ପରିବାର ବର୍ଗ, ବନ୍ଧୁ ବର୍ଗ ଶ୍ରୀମନ୍ଦିରକୁ ଯିବା ନିମିତ୍ତ ଏହି ଦ୍ୱାର ଦେଇ ପ୍ରବେଶ କରିଥାନ୍ତି। ଦୁଇ ଫାଳିଆ କାଠ କବାଟ ବିଶିଷ୍ଟ ଏହି ଦ୍ୱାରର ଗୋଟିଏ ପଟରେ ବଂଶୀଧାରୀ ପ୍ରେମମୟ ଶ୍ରୀକୃଷ୍ଣ ଏବଂ ଚାରି ସଖୀଙ୍କ ମୂର୍ତ୍ତି ରହିଥିବାବେଳେ ଅନ୍ୟ ପଟରେ ସଙ୍କଟମୋଚନ ସିଦ୍ଧ ହନୁମାନ, ଦୁର୍ଗାମାଧବଙ୍କ ମୂର୍ତ୍ତି ରହିଛି। ଏହି ଦ୍ୱାର ଦେଇ ଦକ୍ଷିଣ ପଟକୁ ଗଲେ ରୋଷଘରକୁ ରାସ୍ତା ଯାଇଛି।

ବ୍ୟାଘ୍ର ଦ୍ୱାର : ମେଘନାଦ ପାଚେରୀର ପଶ୍ଚିମ ଭାଗ ଦ୍ୱାରଟିକୁ ବ୍ୟାଘ୍ର ଦ୍ୱାର ଭାବେ ସମସ୍ତେ ଜାଣନ୍ତି। ଏହି ଦ୍ୱାରରେ ଦୁଇ ଫାଳିଆ କାଠ କବାଟ ରହିଥିବାବେଳେ ନବଗ୍ରହ ପାଟ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି ପୂଜିତ। ଦୁଇଟି ଆକ୍ରାମକ ଭଙ୍ଗୀର ବ୍ୟାଘ୍ର ମୂର୍ତ୍ତି ଦ୍ୱାର ସମ୍ମୁଖର ଦୁଇପଟେ ବିରାଜମାନ। ଶ୍ରୀମନ୍ଦିରର ସେବକ ଓ ଦଇତାମାନେ ଏହି ଦ୍ୱାର ବାଟେ ଯିବା ଆସିବା କରିଥାନ୍ତି ଏବଂ ନୀଳାଚଳ ଉପବନ ଦର୍ଶନ କରିବାକୁ ହେଲେ ଏହି ଦ୍ୱାର ଦେଇ ଯିବାକୁ ପଡ଼ିଥାଏ। ଦ୍ୱାରର ଉତ୍ତର ପାର୍ଶ୍ୱରେ କାନପତା ହନୁମାନଙ୍କ ମନ୍ଦିର ରହିଛି। ଲୋକ ବିଶ୍ୱାସ ରହି ଆସିଛି ଯେ ସାଗର ରାଜାଙ୍କ ଗୁରୁଗର୍ଜନକୁ ଶ୍ରୀମନ୍ଦିର ବେଢ଼ା ଭିତରେ ନ ପୂରାଇ ମହାପ୍ରଭୁଙ୍କ ଶାନ୍ତି ବ୍ୟାଘାତ ନ କରିବା ପାଇଁ ସେ କାନ ପାତି ରହିଛନ୍ତି। ଠିକ ଏହାର ପଛ ଭାଗରେ ନୀଳାଦ୍ରି ବିହାର ରହିଛି।

ହାତୀ ଦ୍ୱାର : ଶ୍ରୀମନ୍ଦିରର ଉତ୍ତର ଭାଗର ଦ୍ୱାରକୁ ହାତୀ ଦ୍ୱାର କେହି କେହି ମୋକ୍ଷ ଦ୍ୱାର କିନ୍ତୁ ପୁରୁଣା ପୁରୀ ବାସିନ୍ଦାମାନେ ଏହାକୁ ଚେମେଣୀ ଦ୍ୱାର ଭାବେ ବୁଝିଥାନ୍ତି। ଏହି ଦ୍ୱାରର ବିଶେଷତା ଓ ଗୁରୁତ୍ୱରେ ଭିନ୍ନତା ରହିଛି। ଅନ୍ୟ ତିନି ଦ୍ୱାରରେ ଯେପରି ସମ୍ମୁଖ ପ୍ରବେଶ ପଥରେ ଘୋଡ଼ା, ବାଘ ବା ସିଂହଙ୍କ ମୂର୍ତ୍ତି ଦେଖିବାକୁ ମିଳିନଥାଏ। ଦୁଇଟି ହାତୀଙ୍କ ମୂର୍ତ୍ତି ଦୁଇ ପଟରେ ଦୃଶ୍ୟମାନ ହୋଇଥାନ୍ତି। ତେବେ ଏହି ଦ୍ୱାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣତା ହେଉଛି ଶ୍ରୀଜୀଉଙ୍କ ନବକଳେବର ବେଳେ ଯେଉଁ ଦିବ୍ୟ ଦାରୁ ସଂଗ୍ରହ ହୋଇ କୋଇଲି ବୈକୁଣ୍ଠକୁ ଯାଇଥାଏ ସେ ଏହି ଦ୍ୱାର ଦେଇ ପ୍ରବେଶ କରିଥାଏ। ଚଉଦଫୁଟ ଉଚ୍ଚତା ବିଶିଷ୍ଟ କାଠ କବାଟରେ ନବଗ୍ରହ, କୃଷ୍ଣଙ୍କ ମୂର୍ତ୍ତି ରହିଛି।

କୋଇଲି ବୈକୁଣ୍ଠ, ତୁଳସୀ ବଣ ଯିବା ପାଇଁ ଏହି ଦ୍ୱାରର ସହାୟତା ନେବା ପାଇଁ ପଡ଼ିଥାଏ। ହାତୀ ଦ୍ୱାର ଦେଇ ଯଦି କେହି କୂର୍ମ ବେଢ଼ାକୁ ପ୍ରବେଶ କରନ୍ତି ତେବେ ବାମପାର୍ଶ୍ୱରେ ଈଶାନେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିପାରିବେ। ମହାପ୍ରଭୁଙ୍କ ମେଘନାଦ ପାଚେରୀ ଓ ଚାରି ଦ୍ୱାରର ମହାନତା, ସ୍ୱତନ୍ତ୍ରତା ସ୍ୱତନ୍ତ୍ର ଓ ଅନନ୍ୟ।

+ପୋପରଡ଼ା,
ନୂଆ ବଜାର, କଟକ,
ମୋ : ୮୨୪୯୨୬୦୬୨୧



# ବାଣପୁର ପାଇକ ବିଦ୍ରୋହ : ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ଅଗ୍ନିଶିଖା

**ବିଶ୍ୱବିଜୟୀ ଦାଶ**

ଓଡ଼ିଶାର ସ୍ୱାଭିମାନ, ସାହସ ଓ ଆତ୍ମବଳିଦାନର ଇତିହାସରେ ବାଣପୁର ପାଇକ ବିଦ୍ରୋହ ଏକ ଅମର ଅଧ୍ୟାୟ। ଏହା କେବଳ ଏକ ବିଦ୍ରୋହ ନୁହେଁ, ବରଂ ମାତୃଭୂମିର ସମ୍ମାନ ରକ୍ଷା ପାଇଁ ଓଡ଼ିଆ ଜାତିର ଅଦମ୍ୟ ସଂକଳ୍ପ, ଅସୀମ ସାହସ ଓ ସ୍ୱାଧୀନତା ଆକାଂକ୍ଷାର ଜ୍ୱଳନ୍ତ ପ୍ରତୀକ। ୧୮୧୭ ମସିହାରେ ଆରମ୍ଭ ହୋଇଥିବା ପାଇକ ଆନ୍ଦୋଳନର ଅଗ୍ନିଶିଖା ୧୮୩୬ ମସିହାରେ ବାଣପୁରର ପବିତ୍ର ମାଟିରେ ପୁନର୍ବାର ପ୍ରଜ୍ୱଳିତ ହୋଇ ବ୍ରିଟିଶ ସାମ୍ରାଜ୍ୟର ଭିତ୍ତିକୁ କମ୍ପିତ କରିଥିଲା।

ଏହି ମହାନ ବିଦ୍ରୋହର ମହାନାୟକ ଥିଲେ ଅରାଙ୍ଗଗଡ଼ର ଦଳବେହେରା, ବୀର ବିପ୍ଳବୀ କୃତ୍ତିବାସ ପାଟ୍ଟଶାଣୀ। ତାଙ୍କ ଜନ୍ମସ୍ଥାନ ହେଉଛି ଖୋର୍ଦ୍ଧା ଜିଲ୍ଲା ସ୍ଥିତ ବାଣପୁର ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମରେ।ତାଙ୍କ ପିତାଙ୍କ ନାମ ଶ୍ୟାମସୁନ୍ଦର ପାଟ୍ଟଶାଣୀ।

ତାଙ୍କ ହୃଦୟରେ ଜଳୁଥିଲା ଦେଶପ୍ରେମର ଦୀପ୍ତ ଜ୍ୱାଳା ଏବଂ ଆଖିରେ ଥିଲା ସ୍ୱାଧୀନତାର ସ୍ୱପ୍ନ। ତାଙ୍କ ପ୍ରତ୍ୟେକ ଆହ୍ୱାନ ବିଦ୍ରୋହର ବଜ୍ରନିନାଦ ହୋଇ ଜନମାନସକୁ ଉଦ୍ବୁଦ୍ଧ କରୁଥିଲା ଏବଂ ତାଙ୍କ ପ୍ରତ୍ୟେକ ପଦକ୍ଷେପ ସ୍ୱାଧୀନତାର ପଥରେ ଏକ ଅଗ୍ନିଯାତ୍ରାର ରୂପ ନେଉଥିଲା। ୧୮୩୬ ମସିହାରେ ବାଣପୁରରେ ଏକ ବିଶାଳ ପାଇକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯାହାର ନେତୃତ୍ୱ ନେଇଥିଲେ କୃତ୍ତିବାସ ପାଟ୍ଟଶାଣୀ। ତାଙ୍କୁ ସହଯୋଗ କରିଥିଲେ ଘୁମୁସରର ବୀର ଯୋଦ୍ଧା ଲୋଚନ ବିଶୋଇ, ଶିବ ବିଶୋଇ, ପଞ୍ଚାନନ ନାୟକ, ସାଧୁ ଜାନି, ଦୀନା ଜାନି ପ୍ରମୁଖ ସଂଗ୍ରାମୀ। ସେହି ସମ୍ମିଳନୀରେ କୃତ୍ତିବାସ ପାଟ୍ଟଶାଣୀ ପଞ୍ଚାନନ ନାୟକଙ୍କୁ "ଶରଣ ସିଂହ" ନାମ ଦେଇ କରି ରାଜା ଭାବେ ଘୋଷଣା କରିଥିଲେ।ଏହି ସମ୍ମିଳନୀ ଇଂରେଜ ବିରୋଧୀ ସଂଗ୍ରାମକୁ ଏକ ନୂତନ ଦିଗ ଓ ନୂତନ ଶକ୍ତି ପ୍ରଦାନ କରିଥିଲା।

୧୮୩୬ ମସିହା ଜୁନ୍ ମାସରେ କୃତ୍ତିବାସ ପାଟ୍ଟଶାଣୀଙ୍କ ନେତୃତ୍ୱରେ ବିଦ୍ରୋହର ଶଙ୍ଖନାଦ ହୋଇଥିଲା। ସେତେବେଳେ ବାଣପୁରରେ ଥାନା, ଫାଣ୍ଡି ଓ ଡାକବଙ୍ଗଳା ବ୍ରିଟିଶ ଶାସନର ପ୍ରତୀକ ଭାବେ ଛିଡ଼ା ହୋଇଥିଲା। କୃତ୍ତିବାସଙ୍କ ଆହ୍ୱାନରେ ସହସ୍ରାଧିକ ଦଳବେହେରା, ଦଳେଇ, ନାୟକ ଓ ପାଇକ ଏକତ୍ରିତ ହୋଇ ଇଂରେଜ ଶାସନ ବିରୋଧରେ ସଂଗଠିତ ହେଲେ। ତାଙ୍କ ନିର୍ଦ୍ଦେଶରେ ପାଇକମାନେ ବାଣପୁର ଥାନା ଦଖଲ କରି ସରକାରୀ କାଗଜପତ୍ର ଧ୍ୱଂସ କରିଥିଲେ ଏବଂ ବ୍ରିଟିଶ ପ୍ରଶାସନକୁ ଚରମ ଚ୍ୟାଲେଞ୍ଜ ଦେଇଥିଲେ।

ଏହି ଅଭୂତପୂର୍ବ ଘଟଣା ଇଂରେଜମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ବିଦ୍ରୋହ ଦମନ ପାଇଁ ଅତିରିକ୍ତ ସୈନ୍ୟ ମୁତୟନ କରାଯାଇଥିଲା।କିନ୍ତୁ ବୀର ପାଇକମାନଙ୍କ ଅଦମ୍ୟ ସାହସ ଆଗରେ ଇଂରେଜ ସେନା ନତମସ୍ତକ ହୋଇଥିଲା। ଯୁଦ୍ଧରେ ଇଂରେଜ ସେନାଧ୍ୟକ୍ଷ ବେଲ ସାହେବ ପରାଜିତ ହୋଇଥିଲେ ଏବଂ ୪ ଜୁନ୍ ୧୮୩୬ରେ ରାଜା ଶରଣ ସିଂହ ବାଣପୁରକୁ ସ୍ୱାଧୀନ ଘୋଷଣା କରିଥିଲେ।

ଯଦିଓ ଏହି ସ୍ୱାଧୀନତା ମାତ୍ର ତିନି ଦିନ ପାଇଁ ରହିଥିଲା, ତଥାପି ଏହା ଓଡ଼ିଆ ଜାତିର ସ୍ୱାଭିମାନ, ସଂଗ୍ରାମ ଓ ପ୍ରତିରୋଧର ଏକ ଅମର ପ୍ରତୀକ ହୋଇ ରହିଛି। ଏହା ପ୍ରମାଣ କରିଥିଲା ଯେ ଜାତିପ୍ରେମ ଓ ସ୍ୱାଧୀନତାର ଆକାଂକ୍ଷା ସାମ୍ରାଜ୍ୟବାଦୀ ଶକ୍ତିଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ। ବିଦ୍ରୋହ ପରେ କୃତ୍ତିବାସ ପାଟ୍ଟଶାଣୀ ଜଙ୍ଗଲ ଓ ପାହାଡ଼ ମଧ୍ୟରେ ରହି ସଂଗ୍ରାମର ମଶାଲକୁ ଜୀବନ୍ତ ରଖିଥିଲେ। କିନ୍ତୁ କିଛି କୁଚକ୍ରୀଙ୍କ ବିଶ୍ୱାସଘାତକତା ଫଳରେ ସେ ଇଂରେଜମାନଙ୍କ ହାତରେ ଧରା ପଡ଼ିଥିଲେ। ପରେ ତାଙ୍କୁ ଦ୍ୱୀପାନ୍ତରକୁ ପଠାଇ ବନ୍ଦୀ କରାଯାଇଥିଲା। ତଥାପି ତାଙ୍କ ସଂଗ୍ରାମ ଓ ବଳିଦାନର ଗାଥା ଓଡ଼ିଆ ଜାତିର ଚେତନାରେ ଚିରଦିନ ପାଇଁ ଅମର ହୋଇ ରହିଗଲା। ଆଜି ବାଣପୁର ପାଇକ ବିଦ୍ରୋହ ଆମକୁ ସ୍ମରଣ କରାଏ ଯେ ସ୍ୱାଧୀନତା କେବେ ଭିକ୍ଷାରେ ମିଳେ ନାହିଁ; ଏହା ସଂଗ୍ରାମ, ତ୍ୟାଗ ଓ ବଳିଦାନରେ ଅର୍ଜନ କରିବାକୁ ପଡ଼େ। ବୀର କୃତ୍ତିବାସ ପାଟ୍ଟଶାଣୀ ଓ ତାଙ୍କ ସହଯୋଦ୍ଧାମାନେ କେବଳ ଇତିହାସର ଚରିତ୍ର ନୁହଁନ୍ତି, ସେମାନେ ଓଡ଼ିଆ ଅସ୍ମିତାର ଚିରନ୍ତନ ପ୍ରହରୀ, ସ୍ୱାଭିମାନର ଜାଗ୍ରତ ପ୍ରତୀକ ଏବଂ ସ୍ୱାଧୀନତାର ଅମର ଅଗ୍ନିଶିଖା।

ଯେପର୍ଯ୍ୟନ୍ତ ଓଡ଼ିଆ ଜାତି ବଞ୍ଚି ରହିବ, ସେପର୍ଯ୍ୟନ୍ତ ବାଣପୁରର ବିପ୍ଳବୀ ମାଟି ଓ ବୀର କୃତ୍ତିବାସ ପାଟ୍ଟଶାଣୀଙ୍କ ତ୍ୟାଗଗାଥା ପିଢ଼ି ପରେ ପିଢ଼ିକୁ ଦେଶପ୍ରେମ,ସଂଗ୍ରାମ ଓ ସ୍ୱାଭିମାନର ମନ୍ତ୍ର ଶିଖାଇ ଚାଲିଥିବ।

+ପ୍ରତିଷ୍ଠାତା ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରୀମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ: ୬୩୭୦୨୦୮୪୨୮



# ଜିଲ୍ଲାର କାର୍ଯ୍ୟସ୍ତରରେ ଅନେକ ସରକାରୀ ବାବୁ ଯୋଡ଼ି ହୋଇଛନ୍ତି

**ସୁବ୍ରତ କର**

ନିଶ୍ଚିତ ଭାବରେ ବର୍ଷର ଏହି ସମୟରେ ଅଧିକାଂଶ ସରକାରୀ ବାବୁମାନେ ନିଜ ଜାଗା ଛାଡ଼ି ଅନ୍ୟ ଜାଗାକୁ ବଦଳି ହୋଇଥାଆନ୍ତି । ସରକାରୀ ନିୟମାନୁସାରେ ଜଣେ ସରକାରୀ ବାବୁ ଗୋଟିଏ ସ୍ଥାନରେ ୩ ବର୍ଷ ପର୍ଯ୍ୟନ୍ତ ରହିବା କଥା କିନ୍ତୁ ଏହି ନିୟମଟି ବ୍ୟକ୍ତି ବିଶେଷ ଉପରେ ନିର୍ଭର କରେ । ଜଣେ ଜଣେ ବାବୁ ଗୋଟାଏ ସ୍ଥାନରେ ଚାକିରି ଆରମ୍ଭ କରି ଥାଆନ୍ତି ଏବଂ ସେହିଠାରେ ମଧ୍ୟ ଶେଷ କରନ୍ତି। ଆପଣ ଯଦି ଟଙ୍କା ଖର୍ଚ୍ଚ କରି ପାରିବେ, ଧରାଧରି କରିପାରିବେ ବା ବିଶେଷ ଭାବରେ ବିଶେଷ ବ୍ୟକ୍ତି ମାନଙ୍କ ସହିତ ପରିଚୟ ଥିଲେ ଆପଣଙ୍କୁ କେହି ହାତ ମାରି ପାରିବେ ନାହିଁ। ଏମିତି ଆମ ଜିଲ୍ଲାରେ ବହୁତ ସରକାରୀ ବାବୁ ବର୍ଷ ବର୍ଷ ଧରି ମାଡ଼ି ବସିଛନ୍ତି । ଦୁଃଖର କଥା ଯେଉଁ ସ୍ଥାନରେ ଟଙ୍କା ନାହିଁ ବା ଜଣାଶୁଣା ନାହିଁ ତେବେ ତିନିବର୍ଷ ହେଲା ମାତ୍ରେ ସ୍ଥାନ ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇଯିବା କଥା । ସରକାରଙ୍କ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବହୁତ କିଛି ନିୟମ କାନୁନ ଅଛି କିନ୍ତୁ ଏହି ଆଇନକୁ କେତେଜଣ ମାନି ଚଳୁଛନ୍ତି । ଉଦାହରଣ ସ୍ୱରୂପ ସରକାରୀ ବାବୁମାନେ ପ୍ରତିବର୍ଷ ଜାନୁଆରୀ ମାସ ୩୧ ତାରିଖ ସୁଦ୍ଧା ସେମାନଙ୍କ ଆୟର ହିସାବ ସରକାରଙ୍କ ଠାରେ ପଇଠ କରିବା କଥା, କିନ୍ତୁ ଏ ବର୍ଷ ଏ ପର୍ଯ୍ୟନ୍ତ (୬ ମାସ ବିତିଗଲାଣି) ବହୁତ ବେପରୁଆ ବାବୁମାନେ ଆୟର ହିସାବ ଦେଇ ନାହାନ୍ତି ଯେଉଁଥି ପାଇଁ କି ସରକାର ଏବେ ଏବେ ଜଣେଇଛନ୍ତି ଯେ ଯେଉଁ ବାବୁ ଠିକଣା ସମୟରେ ବାର୍ଷିକ ଆୟର ହିସାବ ନ ଦେବେ ସେମାନଙ୍କୁ ସରକାରଙ୍କ ତରଫରୁ ଦଣ୍ଡ ଦେବାର ବ୍ୟବସ୍ଥା ହୋଇଛି । ସରକାର ବାହାଦୂର ସାଧାରଣ ଭାବରେ କରିତକର୍ମା ବାବୁ ମାନଙ୍କର କିଛି କରି ପାରନ୍ତି ନାହିଁ କିନ୍ତୁ ନିରିହ ମାନେ ବଳି ପଡ଼ନ୍ତି । ଏବେ ଆସିବା ଆମ ଜିଲ୍ଲାରେ କେଉଁ କେଉଁ ବାବୁମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଏବଂ ଯୋଗଦେବାକୁ ଯାଉଛନ୍ତି । ପ୍ରଥମ ହେଲା ସରକାର ଏବଂ ଡି.ଜି ପୋଲିସ ମାନିଛନ୍ତି ଯେ ରାଜ୍ୟର ଆଇନ ଶୃଙ୍ଖଳା ଭଲ ନୁହଁ ଏବଂ ଏହାକୁ ସଜାଡ଼ିବା ପାଇଁ ଦାୟିତ୍ୱ ଦିଆ ହୋଇଛି। ଏହାପରେ ଆମର ବିଶ୍ୱବିଦ୍ୟାଳୟ କୁଳପତି ମଧ୍ୟ ଆଉ ୪ ବର୍ଷ ପାଇଁ କାର୍ଯ୍ୟ କରିବା ପାଇଁ ସରକାର ସୁଯୋଗ ଦେଇଛନ୍ତି। ନୂଆକରି ଆସିଛନ୍ତି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ । ସେ ପୂର୍ବରୁ ନବରଙ୍ଗପୁର ଜିଲ୍ଲାରେ ଥିଲେ । ବହୁତ ଦିନ ହେବ ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀ ନଥିଲେ ଏବଂ ସେ ମଧ୍ୟ ଏବେ ଏବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସବୁଠୁ ବଡ଼ କଥା ହେଲା ସେହି ବିଭାଗରେ (ସ୍ୱାସ୍ଥ୍ୟ) ନୂଆ କରି ହୃଦରୋଗ ବିଶେଷଜ୍ଞ ଏବଂ ବୃକକ୍ ବିଭାଗର ବିଶେଷଜ୍ଞ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏମାନଙ୍କର କାର୍ଯ୍ୟରେ ଯୋଗଦେବା ବହୁତ ଜରୁରୀ ଥିଲା କାରଣ ଅଧା ହୃଦ ରୋଗରେ ପିଡ଼ିତ ରୋଗୀ କଟକ, ଭୁବନେଶ୍ୱର ପହଞ୍ଚି ପାରୁ ନଥିଲେ । ଏହା ପରେ ଆଉ ଏକ ବିଶେଷ ବିଭାଗର ମୁଖ୍ୟ (ଅବକାରୀ) କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏ ଭଦ୍ର ଲୋକଙ୍କର ବାଲେଶ୍ୱର ପାଇ ଏବେ ନିହାତି ଆବଶ୍ୟକ ରହିଛି । ସାରା ରାଜ୍ୟରେ ଆମ ଜିଲ୍ଲା ନିଶାଦ୍ରବ୍ୟରେ ପ୍ରସିଦ୍ଧି ଲାଭ କରିଛି । ଦେଖିବାକୁ ରହିଲା ଆଉ କେଉଁ କେଉଁ ବାବୁମାନେ ଜିଲ୍ଲା ଛାଡ଼ିବେ ଏବଂ କେଉଁମାନେ ଜିଲ୍ଲାକୁ ଆସିବେ । ବାଲେଶ୍ୱର ବାସି ସମସ୍ତଙ୍କୁ ସ୍ୱାଗତ ଜଣାଉଛନ୍ତି ଏବଂ ଅନୁରୋଧ ମଧ୍ୟ ସେମାନଙ୍କୁ ଯେତେଦିନ ଏ ଜିଲ୍ଲାରେ ରହିବେ ବାଲେଶ୍ୱର ବାସୀଙ୍କ ପ୍ରିୟ ଭାଜନ ହୋଇ ରହିଛି ଏବଂ ଗରିବ ଦୁଃଖୀ ମାନଙ୍କୁ ସାହଯ୍ୟ କରନ୍ତୁ ।






## ଆଜିର ଚିନ୍ତା

**ସଦାଶିବ ବିଶ୍ୱାଳ**



ସୃଷ୍ଟି ଆରମ୍ଭରୁ ଯାହା ଦେଖୁଥିଲୁ
ମୃଗ ଘାସ ଖାଉଥିଲା,
ପରିବେଶ ରକ୍ଷା ସନ୍ତୁଳନ ଅର୍ଥେ
ବାଘ ମୃଗ ମାରୁଥିଲା

ଏବେ ସନ୍ତୁଳନ ବିଗିଡି ଗଲାଣି
ସବୁ ଓଲଟା ହେଉଛି,
ବଣ ଜଙ୍ଗଲକୁ ସଫା କରିଦେଇ
କୋଠା ଗଡ଼ା ଚାଲିଅଛି

ବନ୍ୟପ୍ରାଣୀଙ୍କର ଆବାସ ଭାଙ୍ଗିଣ
ବିପଦ ଡାକି ଆଣିଲ,
ହାତୀ, ବାଘ, ଭାଲୁ ଗ୍ରାମ ସହରରେ
ବୁଲିବାକୁ ବାଧ କଲ

ଗଛପତ୍ର ନାହିଁ ତାପ ବଢିଚାଲେ
ସହିବାକୁ କଷ୍ଟ ହୁଏ,
ଶରୀର ଦୁର୍ବଳ ଅଜଣା ରୋଗରେ
ପ୍ରାଣୀ ଜୀବନ ହରାଏ

ମୋବାଇଲ ନେଟ ବ୍ୟବହାର ଜାଣି
ତା ସାଥେ ଲାଗି ରହିଲେ,
ସବୁ ସମ୍ପର୍କକୁ ଜଳାଞ୍ଜଳି ଦେଇ
ଏକାନ୍ତକୁ ବାଛିନେଲେ

ଚିଠି ପଠାଇବା ସ୍ୱପ୍ନ ହୋଇଗଲା
ପୋଷ୍ଟମ୍ୟାନ ହଜିଗଲା,
ମୋବାଇଲ ଆସି ଟେଲିଫୋନ ଖାଇ
ବିଭାଗକୁ ଡୁବେଇଲା

ରାମଦେବ ବାବା ଉପଦେଶ ଶୁଣି
ଦରଦାମ ବଢିଗଲା,
ସାଧାରଣ ଫଳ ମୂଲ୍ୟ ବଢିଯାଇ
ପକେଟକୁ ଖାଲି କଲା

କୀଟନାଶକର ବହୁ ବ୍ୟବହାର
ଖାଦ୍ୟରେ ମିଶାଏ ବିଷ,
ମାଛ କଙ୍କଡାର ବଂଶ ଡୁବିଗଲା
କର୍କଟ ରୋଗ ବିକାଶ

ସେ କର୍କଟ ରୋଗ ବଢ଼ି ବଢ଼ି ଚାଲେ
ସମାଜେ ପଡଇ ଭାରୀ,
ଯେତେ ରୋଜଗାର କରୁଥିଲେ କେହି
ଖର୍ଚ୍ଚ କରି ଯାଏ ସରି

ହାତରୁ ଖରଚ କରି କରି ଆମେ
ବଜାରରୁ ବିଷ କିଣୁ,
ସେଇ କୃଷିଦ୍ରବ୍ୟ ଖାଇ ଖାଇ ଆମେ
ରୋଗ ବୀଜ ଦେହେ ବୁଣୁ

ଯୁଦ୍ଧ ବିଭୀଷିକା ମନେ ଆଣେ ଭୟ
ବିକାଶ ଅଟକିଯାଏ,
ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁର
ମୂଲ୍ୟ ବଢ଼ି ବଢ଼ି ଯାଏ

ଘଟଣା ବହୁଳ ସମାଜ ପ୍ରଭାବେ
ଯୁବ ହୁଏ ପ୍ରଭାବିତ,
ମାନସିକ ଶକ୍ତି ହୁଅଇ ଦୂଷିତ
ଦୁଃଖ ଆଣେ ଅପ୍ରମିତ

ଦିନ ଥାଉ ଥାଉ ଚେତି ଯାଅ ସର୍ବେ
ନିଅ ଠିକ ପଦକ୍ଷେପ,
ଜଗତ ବଞ୍ଚାଇ ନିଜେ ବଞ୍ଚିଚାଲ
ସର୍ବେ ହୋଇଣ ନିଷ୍ପାପ ।

+ଅଙ୍ଗାରୁଆ,
ଜିଲ୍ଲା - କେନ୍ଦୁଝର

# ଅସ୍ତିତ୍ୱ

## ଜ୍ୟୋତିରେଖା ସାହୁ





ଗାଁର ସୀମାନ୍ତରେ ଥିବା ସେଇ ବିଶାଳ ବାଗିଚାଟି ଦେଖିଲେ ମନେ ହୁଏ — ପ୍ରକୃତି ନିଜ ହାତରେ ରଙ୍ଗ ଲଗାଇ ଏକ ସଜୀବ ଚିତ୍ର ଆଙ୍କିଛି। ସେଠାରେ ଫଳଗଛ ଓ ପରିବା ଲତାର ଶ୍ୟାମଳିମା, ଓ ଫୁଲର ରଙ୍ଗୀନ ହସ — ସବୁମିଶି ଗୋଟିଏ ମୌନ ସଙ୍ଗୀତ ସୃଷ୍ଟି କରୁଥିଲେ। କିନ୍ତୁ ଏହି ସୌନ୍ଦର୍ଯ୍ୟର ଭିତରେ ଲୁଚିଥିଲା ଗୋଟିଏ ଅନକୁହା ଦୁଃଖର କାହାଣୀ।

ସେ ବାଗିଚାରେ ଦୁଇ ପ୍ରକାର ଫୁଲ ଫୁଟୁଥିଲେ ଯଥା ମାଈ ଫୁଲ ଓ ଅଣ୍ଡିରା ଫୁଲ। ମାଈ ଫୁଲମାନେ ଧୀରେ ଧୀରେ ଫଳର ଆକାର ନେଉଥିଲେ ଏବଂ ଉପଯୁକ୍ତ ସମୟ ଆସିଲେ ସେମାନେ ଫଳ ଆଉ ପରିବାରେ ପରିଣତ ହେଉଥିଲେ। ମଣିଷର ଆବଶ୍ୟକତାକୁ ପୂରଣ କରୁଥିବାରୁ ଆଦରରେ ତୋଳାଯାଉଥିଲେ ସେମାନଙ୍କର ଜୀବନର ଅର୍ଥ ସ୍ପଷ୍ଟ — "ଉପଯୋଗ"। କିନ୍ତୁ ଅଣ୍ଡିରା ଫୁଲମାନେ? ସେମାନଙ୍କ ଭାଗ୍ୟ ଥିଲା କେବଳ ଫୁଟିବା, ସୁଗନ୍ଧ ଦେବା, ଓ ଶେଷରେ ନିରବରେ ଝଡ଼ି ପଡ଼ି ଫୋପଡା ହୋଇଯିବା। ସେହିପରି ଗୋଟିଏ ଅଣ୍ଡିରା ଫୁଲ ସେହି ବଗିଚାରେ ଥିଲା ତାର ନାଁ — ନିଲୁ। ତା ଜୀବନ ଆରମ୍ଭ ହେବା ଦିନଠାରୁ ସେ ଦେଖିଆସୁଛି ତା ପାଖରେ ଥିବା ମାଈ ଫୁଲମାନଙ୍କୁ ମାଳି ଯତ୍ନରେ ଦେଖେ। ସେମାନେ ଯେମିତି ଭବିଷ୍ୟତର ପ୍ରତିଶ୍ରୁତି। ଆଉ ଆମେମାନେ ...? ଆମେ ଯେମିତି କେବଳ ଅପେକ୍ଷାର ଜିନିଷ — କେବେ ଝଡ଼ିବୁ, କେବେ ଫୋପଡା ହେବୁ। ନିଲୁ କୁହେ ମୋ ପାଖରେ ଥିବା ମାଈ ଫୁଲମାନେ କେତେ ସମ୍ମାନ ପାଆନ୍ତି, କିପରି ସେମାନଙ୍କୁ ଯତ୍ନରେ ମାଳି ରକ୍ଷା କରେ। ଆଉ ମୋ ପରି ଅଣ୍ଡିରା ଫୁଲମାନେ କଣ ତାଙ୍କର ଭବିଷ୍ୟତ ଜାଣ ତୁମେ ?

ତାକୁ ଉତ୍ତର ମିଳେ ସେମାନେ ଯେମିତି କେବଳ ପ୍ରକୃତିର ଅପରିହାର୍ଯ୍ୟ ନୁହଁନ୍ତି, ଗୋଟିଏ ଅନାବଶ୍ୟକ ଭୁଲ୍। ମାଳି ଯେତେବେଳେ ବଗିଚା ସଫା କରିବାକୁ ଆସୁଥିଲା, ସେ ନିର୍ବିକାର ଭାବରେ କହୁଥିଲା "ଏଇ ଅଣ୍ଡିରା ଫୁଲଗୁଡ଼ିକ କାମର ନୁହେଁ, ତୋଳି ଫୋପାଡ଼ି ଦିଅ।"

ଏଗୁଡ଼ାକ "କାମର ନୁହେଁ" ଶବ୍ଦଟି ତାର ମନରେ ଗୋଟିଏ ଆଘାତ ଭଳି ବାଜୁଥିଲା। ସେ ଭାବୁଥିଲା —

"ଜୀବନର ମୂଲ୍ୟ କଣ କେବଳ ଫଳ ଦେବାରେ? ଯେ ଦେଇପାରେନି, ସେ କଣ ବଞ୍ଚିବାର ଅଧିକାର ହାରାଇଦିଏକି?"

ଗୋଟେ ଦିନ ଝଡ଼ ଆସିଲା। ଅନେକ ସହୋଦର ଅଣ୍ଡିରା ଫୁଲ ତା ଆଖି ସାମ୍ନାରେ ଝଡ଼ି ପଡ଼ିଲେ। ସେମାନଙ୍କୁ ଝାଡୁରେ ସଫା କରି ଫୋପାଡି ଦିଆଗଲା। ସେଦିନର ଦୃଶ୍ୟ ଦେଖି ତା ମନ ଭିତରେ ଗୋଟିଏ ଭୟଙ୍କର ଶୂନ୍ୟତା ସୃଷ୍ଟି ହେଲା — ମନେ ହେଲା ଯେମିତି, ଏହି ହେଉଛି ତା ଭବିଷ୍ୟତ। ରାତିରେ ଚନ୍ଦ୍ରମାଙ୍କ ଆଲୋକରେ ସେ ନିଜକୁ ପଚାରିଲା — "ମୋ ଜନ୍ମ କଣ କେବଳ ଫୋପଡା ହେବା ପାଇଁ?" କିନ୍ତୁ ପରଦିନ ସକାଳେ ଘଟିଲା ଗୋଟିଏ ଛୋଟ, କିନ୍ତୁ ଗଭୀର ଘଟଣା। ଗୋଟେ ଛୋଟ ପିଲା ତାଙ୍କ ମା'ଙ୍କ ସହ ବାଗିଚାକୁ ଆସିଲା। ସେ ହଠାତ୍ ନିଲୁ ପାଖରେ ରହିଗଲା ଆଉ ତାର ସୁଗନ୍ଧ ତାକୁ ଏତେ ଆକର୍ଷିତ କଲାଯେ ସେ କହିଲା — "ମା', ଏଇ ଫୁଲଟା କେତେ ସୁନ୍ଦର ସୁଗନ୍ଧ ଦେଉଛି!"

ସେ ନିଲୁକୁ ଆଦରରେ ତୋଳିନେଲା। ନିଲୁ ଭାବିଲା— "ଏବେ ତା କାମ ଶେଷ।"

କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ତାକୁ ନ ଫୋପାଡ଼ି ଆଦରର ସହ ତାଙ୍କ ମା'ଙ୍କ କେଶରେ ଲଗାଇଦେଲା। ସାରା ଘର ସୁଗନ୍ଧରେ ଭରିଗଲା। ସେଇ ସୁଗନ୍ଧ ମଧ୍ୟରେ ନିଲୁ ପ୍ରଥମଥର ପାଇଁ ନିଜର ଅସ୍ତିତ୍ୱକୁ ଅନୁଭବ କରିପାରିଲା।

ପିଲାର ମା କହିଲେ —

"ସବୁ ଫୁଲ ଫଳ ଦେଉନଥାନ୍ତି, କିନ୍ତୁ କେତେକ ଫୁଲ ମନକୁ ଖୁସି ଦେଇଥାନ୍ତି।"

ସେଇ ମୁହୂର୍ତ୍ତରେ ନିଲୁ ମନରେ ଥିବା ସମସ୍ତ ଅନ୍ଧକାର ଭାବନା ଦୂର ହୋଇଗଲା। ସେ ବୁଝିଗଲା କି ଜୀବନର ମୂଲ୍ୟ ଏକମାତ୍ର ଉପଯୋଗିତାରେ ମାପାଯାଏନି। କେହି ଫଳ ଦେଉଛି ତ କେହି ସୁଗନ୍ଧ। କିନ୍ତୁ ଦୁହେଁ ପ୍ରକୃତିର ଆବଶ୍ୟକ ଅଂଶ।

ସେଇ ଦିନଠାରୁ ନିଲୁ ଆଉ ନିଜକୁ "ଫୋପଡା ହେବାର ଜିନିଷ" ବୋଲି ଭାବିଲା ନାହିଁ, ସେ ଗୋଟିଏ ସୁଗନ୍ଧର ଦାନ ଜାଣିଲା ପରେ, ତୋଳା ହୋଇ ଆସିଥିବା ପରିବାରକୁ ସ୍ନେହ, ପ୍ରେମ ଆଉ ଭଲପାଇବାର ବାସ୍ନାରେ ସମସ୍ତଙ୍କୁ ମୁଗ୍ଧ କରିଦେଲା।

**ନିଷ୍କର୍ଷ:** ଏହି କ୍ଷୁଦ୍ର ଗପଟି ମଣିଷ ସମାଜର ସେଇ ଅନେକ ଲୋକଙ୍କ କଥା କହେ, ଯେଉଁମାନେ "ଉପଯୋଗୀ" ନୁହେଁ ବୋଲି ଭାବି ନିଜେ ନିଜକୁ ଅବହେଳିତ କରିଥାନ୍ତି। ପ୍ରତ୍ୟେକ ସଜୀବର ନିଜସ୍ୱ ମୂଲ୍ୟ ଓ ଅସ୍ତିତ୍ୱ ରହିଛି ଏହା କୁ ବୁଝି ନିଜର ଆଗାମୀ ଦିନ ଗୁଡିକୁ ସୁଖମୟ କରନ୍ତୁ।

+ନାଉଗାଁ, ଜଗତସିଂହପୁର
ମୋ: ୭୮୪୬୮୬୯୫୪୬

# ଶିବ ବିବାହ ଓ ଶୀତଳ ଷଷ୍ଠୀ

## ଜ୍ୟୋତ୍ସ୍ନା ମହାପାତ୍ର



ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ। ମୋ ପିଲାବେଳୁ ଶିବ ବିବାହ ଓ ଶୀତଳ ଷଷ୍ଠୀ ସମ୍ପର୍କରେ ଶୁଣିଥିଲି ପରେ ମନ୍ଦିରରେ ଅନୁଷ୍ଠିତ ହେଉଥିବା ଦମ୍ପତିଙ୍କ ବିବାହ ଯେଉଁ ଲୋକାଚାରରେ ଅନୁଷ୍ଠିତ ହୁଏ ତାହା ସବୁ ଦେଖିବାର ଏବଂ ସେହି ମହାନ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇଲି। ଶୀତଳ ଷଷ୍ଠୀ ବାସ୍ତବରେ ଏକ ମହାନ ସଂସ୍କୃତିର ଚେତନାକୁ ଜାଗରିତ କରେ। ଆମ ଓଡ଼ିଶାର ପଶ୍ଚିମାଞ୍ଚଳ ବିଶେଷକରି ସମ୍ବଲପୁର ସହରର ଶୀତଳ ଷଷ୍ଠୀର ଇତିହାସ ଖୁବ ପୁରୁଣା। ଶୀତଳ ଷଷ୍ଠୀ ହେଉଛି ଏପରି ଏକ ପର୍ବ ଯେଉଁଥିରେ ଦେବ ଦମ୍ପତି ଠିକ ଆମ ମାନଙ୍କ ପରି ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି।

ଆମ ଓଡ଼ିଆ ଲୋକ ରୀତିନୀତିରେ ସାଧାରଣ ଘରେ କନ୍ୟା ହେଉ ବା ପୁତ୍ର ବିବାହ ସମୟରେ ଯେଉଁପରି ଦେଖା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଠିକ ସେହିପରି ଅକ୍ଷୟ ତୃତୀୟା ଦିନରୁ ଥାଳ ଉଠା ରୀତିରୁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ଆରମ୍ଭ ହୋଇଥାଏ। କାରଣ ଏହି କାର୍ଯ୍ୟକ୍ରମରେ କନ୍ୟା ପିତାମାତାଙ୍କ ମନୋନୟନ କରାଯାଏ ଓ ପରେ ନିର୍ବନ୍ଧ ବା ପତ୍ରପେଣ୍ଠି ନୀତି ଅନୁଷ୍ଠିତ ହୁଏ। ଏହାର ପରେ ଦେବତା ନିମନ୍ତ୍ରଣ, ତୈଳାଭିଶେକ ଓ ଶୁଭଲଗ୍ନରେ ଶିବ-ପାର୍ବତୀଙ୍କ ବିବାହ ହୁଏ। ଶୋଭଯାତ୍ରାରେ ବରଯାତ୍ରୀ ଆସି ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦମ୍ପତିଙ୍କ ବିବାହ ଓ ପାଣିଗ୍ରହଣ କରାଯାଏ। ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ। ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି। ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ୍ୟ ବାହାରିଥାଏ।ବିବାହ ପରବର୍ତ୍ତୀ ରାତି ଯୁଗଳ ଦର୍ଶନ ଶୋଭାଯାତ୍ରା ଓ ଶେଷ ଦିନ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭା ଯାତ୍ରା ବେଶ ଭବ୍ୟ ଓ ଆକର୍ଷଣୀୟ ହୋଇଥାଏ। ପୌରାଣିକ ତଥ୍ୟ ଅନୁଯାୟୀ ସତୀଙ୍କ ଚିନ୍ତାରେ ମହାଦେବ ସବୁବେଳେ ଚିନ୍ତିତ ରହୁଥିଲେ। ସେପଟେ ସତୀ ଦେବୀଙ୍କ ସଂକଳ୍ପ ରହିଥିଲା ଯେ ସେ ସାରା ଜୀବନ କେବଳ ଭଗବାନ ଆଶୁତୋଷ ବା ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ। ପରବର୍ତ୍ତୀ ସମୟରେ ପର୍ବତ ରାଜା ହିମାଳୟଙ୍କ କନ୍ୟା ଭାବେ 'ପାର୍ବତୀ' ନାମରେ ସେ ଜନ୍ମ ହୋଇଥିଲେ ଏବଂ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ଶିବ ବିବାହ ପୂର୍ବକୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ୍ୟ ପାଳନ କରାଯାଇଥାଏ।

'ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ। ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର। ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ। ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା। ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ। ଦୋଳୋତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ। ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ। ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧାତ୍ମିକ ଶ୍ରଦ୍ଧାଳୁମାନେ।



ଶୀତଳ ଷଷ୍ଠୀର ଅନ୍ୟ ଏକ ଅନୁଚିନ୍ତନ ହେଉଛି ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷର ଷଷ୍ଠୀ ତିଥିର ପରବର୍ତ୍ତୀ ସମୟରେ ପୃଥିବୀ ମାତା କ୍ରମଶଃ ଶୀତଳ ପ୍ରାପ୍ତ ହୋଇଥାନ୍ତି ଓ ସୂର୍ଯ୍ୟଦେବଙ୍କର ଗତି ଆକାଶରେ ମେଘମହ୍ଲାର ସୃଷ୍ଟି କରି ବର୍ଷା କରିଥାନ୍ତି। ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ। ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ। ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତ। ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି। ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ। ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ। ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ। ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ। କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ। ଭଗବାନ ଆଶୁତୋଷଙ୍କୁ ଭକ୍ତି ବିଭିନ୍ନ ନାମରେ ପ୍ରାର୍ଥନା କରିଥାନ୍ତି। ଶୀତଳ ଷଷ୍ଠୀ ହେଉଛି କେବଳ ପୁରାଣ ଚେତନା ନୁହେଁ, ଶାନ୍ତି, ଆନନ୍ଦ ଓ ମଙ୍ଗଳର ଏକ ଆନନ୍ଦମୟ ଅବସର। ଭଗବାନ ଆଶୁତୋଷ ଶିବ ଓ ଦେବୀ ପାର୍ବତୀ ଆମ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।

+ଚଣ୍ଡୀମନ୍ଦିର ମାର୍ଗ, କଟକ-୧

# ପ୍ରଶ୍ନ

## ସ୍ନିଗ୍ଧା ପଣ୍ଡା



ସ୍ତ୍ରୀ ବୋଇଲେ କଣ ଅଲଗା ଯେ-
ପୋଷାକର ଢାଙ୍କୁଣି ଉଠେଇ କି ଦେଖ
ତମ ପରି ଚମ
ଚମ ଉପରେ ଲୋମ, ନଖ
ଆଉ ଚମ ତଳେ ଥଲଥଲିଆ ମାଂସ
ମାଂସ ଭିତରେ ଛନ୍ଦାଛନ୍ଦି ହେଇ
ଅନେକ ଶିରା
ଉପଶିରା, ପ୍ରଶିରା
ତା' ଭିତରେ ଲାଲ୍ ରକ୍ତ
ମାଂସ ଭିତରେ ବି ହାଡ
ସିଧା, ବଙ୍କା, ଗୋଟିକିଆ, ଦି'ଟିକିଆ
ହାଡକୁ ଯୋଡୁଥିବା ଗଣ୍ଠି
କୋଉଟା ତମ ପରି ନୁହେଁ ଯେ ?
ସ୍ତ୍ରୀ ବୋଇଲେ କଣ ଅଲଗା ଯେ-
ନାକରେ ହାତ ଦେଇ ଦେଖ
ତମ ପରି ପବନ ଟାଣେ ଭିତରକୁ
ଛାଡେ ବାହାରକୁ
ଛାତିରେ ହାତ ଦେଇ ଦେଖ
ତମ ପରି ପଡୁଥାଏ, ଉଠୁଥାଏ
ଅଣ୍ଟାରେ ହାତ ଦେଇ ଦେଖ
ତମ ପରି ଚମକି ପଡେ ?
ସ୍ତ୍ରୀ ବୋଇଲେ କଣ ଅଲଗା ଯେ-
ଆଖିରେ ତା'ର ଖୋଜ
ତମ ପରି ସ୍ୱପ୍ନ କିଛି ଥିବ
ଆଉ ଟିକେ ଖୋଜ
ତମ ପରି ପୂରି ନଥିବା ଆଶା କିଛି ଥିବ
ଆହୁରି ଟିକେ ଖୋଜ
ଭଲପାଇବା ଥିବ
ହେଲେ ତମ ପରି ନୁହେଁ ?
ଠିକ୍ ତମ ପରି ଯୋଉ ସ୍ତ୍ରୀ
ଚମ, ମାଂସ, ରକ୍ତ, ହାଡରେ
ତିଆରି ମଣିଷଟେ
ତମ ପରି ସୁଖୀ ହୁଏ ଦୁଃଖୀ ହୁଏ
ସ୍ୱପ୍ନ ଦେଖେ, ଆଶା କରେ
ବିଦାରି ପକାଅ ତାକୁ କାହିଁକି
ସେ ସାଇତିଥିବା ଭଲପାଇବା ତକ
ଯାହା ତମ ପରି ନୁହେଁ
ସେ ଦବାକୁ ଚାହେଁ
ଅଥଚ ତମେ ପାଇବାକୁ ଚାହଁ ନାହିଁ କାହିଁକି ?
ସ୍ତ୍ରୀ ବୋଇଲେ କଣ ଅଲଗା ଯେ-
ହେଲେ ତମେ କଣ ସ୍ତ୍ରୀଟିଏ ହୋଇପାରିବ ?
ଚମ, ମାଂସ, ରକ୍ତ, ହାଡକୁ ବାଦ୍ ଦେଇ
ଭଲପାଇବା ଟିକେ ଦେଇପାରିବ ?

+ମୋ-୯୮୬୧୩୨୩୬୫୦

# କାଳିଆ କୁହେ ଯା' ରଥପରେ ଥାଇ

## ମଧୁମିତା ମିଶ୍ର



ରଥଯାତରାରେ ବାହାରୁ ତୁ ଜଗା ପତିତ ଉଦ୍ଧାର ପାଇଁ
କେତେ ଲୁହ ସତେ ଢାଳଇ ଭକତ ଦେଖି ତୋତେ କଳାସାଇଁ
ବରଷକ ପରେ ହୁଏ ତୋ ଯାତରା ଭକତ ପ୍ରାଣ ଶୀତଳ
ଭଉଣୀ ଭାଇକୁ ସଙ୍ଗେ ଘେନି ଜଗା ବୁଲୁ ତୁ ନ' ଦିନ କାଳ।

ବଡ଼ଦାଣ୍ଡ ହୁଏ ଆନନ୍ଦ ମୁଖର ନନ୍ଦିଘୋଷ ସଜ ହେଲେ
ତାଳଧ୍ୱଜ ଆଉ ଦର୍ପଦଳନ ବି ଯାତ୍ରା ପାଇଁ ଆଗେଇଲେ
ହେ ନାଥ ତୋ ଯାତ୍ରା ସହିତରେ ଆସୁ ସୁଖ ସମୃଦ୍ଧି ବାରତା
ସଙ୍କଟର ଘଡି ଦୂର ହେଇଯାଉ ରଖ ହେ ଭାଗ୍ୟବିଧାତା।

ଭାବର ଠାକୁର ଭାବର ରଥରେ ଭାବ ଆସନେ ବସିବୁ
ଭାବର ଦଉଡ଼ି ଭାବ ସହ ଭିଡ଼ି ଭାବ ଦେଉଳକୁ ଯିବୁ
ଭାବର ଯାତରା ଏ ରଥ ଯାତରା ଭାବ ନଥିଲେ ଅସାର
କାଳିଆ ଠାକୁର ଭାବ ବିନୋଦିଆ ଭାବରେ ରଥେ ସବାର।

ଦେଖିପାରେନି ଯେ ବଡ ଦେଉଳରେ ରଥେ ଦେଖି ତୃପ୍ତ ହୁଏ
ଭକତ ଗହଣେ ଝୁଲି ଝୁଲି ଜଗା ସଭିଙ୍କୁ ଦର୍ଶନ ଦିଏ
ଦୋଳରେ ଗୋବିନ୍ଦ ସେହି ନଟବର ଚାପରେ ମଧୁସୂଦନ
ରଥ ଉପରେ ସେ ବାମନ ସାଜଇ କରେ ଜଗତ କଲ୍ୟାଣ।

ଜୀବନ ରଥରେ ଆତ୍ମାରୂପୀ ଜଗା ଜନ୍ମଠୁ ମୃତ୍ୟୁକୁ ଯାଏ
କର୍ମଫଳ ସବୁ ଭୋଗ କରିବାକୁ ପୁଣି ଆତ୍ମା ଜନ୍ମ ହୁଏ
ରଥଯାତ୍ରାର ଏ ପବିତ୍ର ସନ୍ଦେଶ ଐକ ଭାବମୃତଧାରା
ରଥପରେ ରଥାରୂଢ଼ ଦାରୁଦିଅଁ ବ୍ରହ୍ମ ସେ ଲବଣୀଚୋର।

+ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ଆସିଲାଣି ଖରା ମଉଳି

## ଗୀତାଞ୍ଜଳି ପୃଷ୍ଟି



ଆସିଲାଣି ଖରା ମଉଳି ଘୋଟି ଗଲାଣି ମେଘ
ଆଦ୍ୟ ଆଷାଢ଼ରେ ଶୁଭୁଛି ତା'ର ଅଶନି ଶବ୍ଦ
ଚଞ୍ଚଳ ହେଲାଣି ପ୍ରକୃତି ତାପୁ ପାଇବ ମୁକ୍ତି
ଅସହ୍ୟ ତାତିରେ ସିଝିଛି ଦୁଃଖେ ପତାଇ ଛାତି
ମାଳମାଳ ମେଘ ବାଦଲ ଭାସି ବୁଲେ ଅମ୍ବରେ
ଚାହିଁଛି ଚାତକ ତୃଷାର୍ତ୍ତେ, କେକୀ ନାଚୁଛି ଦୂରେ
ଆସଆସ ଆହେ ସୁନୀଳ ଘନ ଆସ ବେଗରେ
ଶୀତଳ ବାରିରେ ଭିଜାଅ ଶତ ଆବେଗ ଭରେ
ପୁଲକିତ ହେଉ ପରାଣ ପାଇ ତୁମ ପରଶ
ସଂଜୀବନୀ ଦିଅ ଅଜାଡ଼ି ଦିଅ ପ୍ରାଣ ପିୟୁଷ
ଜଳ ବିନା କାହିଁ ବଂଚିଛି କୁହ ଏଇ ଧରାରେ
ତୁମ ବୃଷ୍ଟି ଜଳେ ପୂରିବ ନଦୀ, ସରସୀ ଧୀରେ
କାନନ କେଦାରେ ଭରିବ ଫୁଲ ଫଳ ସମ୍ଭାର
ସବୁଜ ଶୋଭାରେ ହସିବ ଏଇ ଧରଣୀ ପୁର
ଜୀବଜନ୍ତୁ ଜଳ ପିଇବେ ମୁଖେ ଖେଳାଇ ତୃପ୍ତି
ମାନବ ଜୀବନ ଲଭିବ ଯନ୍ତ୍ରଣାରୁ ମୁକତି
ମେଘ ସବାରୀରେ ମୌସୁମୀ
ଯେବେ ଆସିବ ଆଜି
କବି ଲେଖନୀରେ ଭରିବ ଶତ ସୁଷମା ରାଜି
ଘେନ ହେ ଶୁଭେଚ୍ଛା ବାରିଦ ଦିଅଦିଅ ଅଜାଡ଼ି
ମଣ୍ଡୁକ ଝିଙ୍କାରି ଆନନ୍ଦେ ଦେଖ କଲେଣି ରଡ଼ି
ସାରୁବୁଦା ମୂଳେ ଚାହିଁଛି କୁନି ବେଙ୍ଗୁଲି ରାଣୀ
ବୁଲିଲାଣି ଧଣ୍ଡ ପଦାରେ ଗାତେ ପଶିଲା ପାଣି
ଚମକି ଚପଳା ଆଲୋକ ଦିଏ ଦର୍ପେ ଖେଳାଇ
ପହିଲି ଆଷାଢ଼େ ବରଷା ରାଣୀ ଦିଅ ଭିଜାଇ

+ଗତିରାଉତ ପାଟଣା
କଟକ-୭୫୪୧୦୦
(ମୋ) ୮୯୧୭୪୧୬୨୫୧

# ସମ୍ଭାବନାର ଅନ୍ୟ ନାମ - ନାରୀ

## ଭାରତୀ ହୋତା



ମୁଁ ଶିଖୁଛି..
ସମୁଦ୍ରର ଲହରୀରୁ
ଜୀବନ ଦୋଛକିରୁ
ବର୍ତ୍ତମାନରେ ଆବର୍ତ୍ତମାନର
ମିଶ୍ରିତ ଧୂନ୍ ରୁ
ସମ୍ଭାବନା ଓ ହତାଶାର ଲହରୀ ଭାଙ୍ଗୁଥିବା
ଜୀବନ ଉପକୂଳରୁ ।
ମୁଁ ବୁଝୁଛି..
ଚେତନାର ଚୌହଦୀରେ
ଭାବ ବାତ୍ସଲ୍ୟର ଫଲଗୁ ବୁଣି
ରାସ୍ତା ଦେଖାଉଛି ମମତ୍ୱକୁ
ଜୀବନର ଅଞ୍ଜଳି ଧରି
ସୁମନ ଅର୍ପଣ କରୁଛି
ଏଇ ସୁନ୍ଦର ସୃଷ୍ଟିର ସ୍ରଷ୍ଟାଙ୍କୁ ।
ମୁଁ ଭିଜୁଛି...
କେବେ ମୂର୍ଚ୍ଛନାୟିତ ନୀରବତା ନେଇ
ହସର ଭିଡ଼ ଭିତରେ ଗଜରି ଉଠୁଥିବା ଲୁହ
ରତୁରେ
କେବେ ଅନୁରାଗର ବର୍ଷାରେ
କିଛି ଐଶରୀୟ ସତ୍ତାର ସାନ୍ନିଧ ପାଇ ।
ମୁଁ ଚେଷ୍ଟା କରୁଛି...
ଅନ୍ଧାର ହୋଇଯିବା ଆଗରୁ
ଦୀପଟିଏ ଜାଳିଦେବା ପାଇଁ
ସର୍ବଂସହା ଧରିତ୍ରୀ ପରି ଜୀବନକୁ
ପ୍ଲାବିତ କରିବାକୁ
ଚଳ ଚଞ୍ଚଳ ନିର୍ଝରଣୀ ହୋଇ
କଳ କଳ ନାଦରେ
ଜନ ମାନସରେ ପ୍ରାଣର ସଞ୍ଚାର କରିବାକୁ ।

+ଖରୀଆର ରୋଡ଼
ନୂଆପଡ଼ା

# ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ: ୩୮ଟି ଅଭିଯୋଗ ପଞ୍ଜୀକୃତ, ୧୨ର ସଦ୍ୟ ସମାଧାନ

ଝାରସୁଗୁଡ଼ା, ୧୭/୦୬ (ନି.ପ୍ର): ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ଦ୍ରୁତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କିର୍ମିରା ବ୍ଲକ କାର୍ଯ୍ୟାଳୟ ଠାରେ ଏକ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୩୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଏହି ଶିବିରରେ ଜିଲ୍ଲା ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ । ଚଳିତ ଶୁଣାଣିରେ ମୋଟ ୩୮ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିବା ବେଳେ, ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୪ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା । ଶିବିର ଅବସରରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଗୋଟିଏ ଅଭିଯୋଗର ସେହି ସମୟରେ ହିଁ ସଫଳ ସମାଧାନ କରାଯାଇଥିଲା । ଏହି ଜନ ଶୁଣାଣିରେ ବିଶେଷ କରି ରାସ୍ତା ମରାମତି, ଜମିଜମା ବିବାଦ ଏବଂ ଭତା ବା ପେନସନ ସମ୍ପର୍କିତ ମୁଖ୍ୟ ସମସ୍ୟାଗୁଡ଼ିକ ଉପରେ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ବାକି ରହିଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ପୁରୀରେ ବରିଷ୍ଠ ନିର୍ବାଚନ ଡେପୁଟି କମିଶନର: କ୍ଷେତ୍ର ପରିଦର୍ଶନ ସହ ଏସଆଇଆର କାର୍ଯ୍ୟର କଲେ ସମୀକ୍ଷା

ପୁରୀ, ୧୭/୦୬ (ନି.ପ୍ର): ଭାରତର ନିର୍ବାଚନ କମିଶନରଙ୍କ ବରିଷ୍ଠ ଡେପୁଟି କମିଶନର ଜ୍ଞାନେଶ ଭାରତୀ ପୁରୀ ଜିଲ୍ଲାର ସ୍ୱତନ୍ତ୍ର ସଘନ କାର୍ଯ୍ୟକ୍ରମ ବା ଏସଆଇଆର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଡେପୁଟି କମିଶନର ଶ୍ରୀ ଭାରତୀ ଓ ସଦସ୍ୟ ମାନେ ପହଂଚିବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସେମାନଙ୍କୁ ସ୍ୱାଗତ କରିଥିଲେ । ପରେ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ଏସଆଇଆର ସ୍ଥିତି ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ । ପୁରୀ ଜିଲ୍ଲା ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନେଇ ଗଠିତ । ୬ ଜଣ ଇଲୋକ୍ଟ୍ରାରାଲ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ମୋଟ ୧୬୦୯ ଗୋଟି ବୁଥ ରହିଛି ଓ ସେଥିରେ ୧୬୦୯ ଜଣ ବୁଥ ସ୍ତରୀୟ ପ୍ରଶିକ୍ଷିତ ବିଏଲଓ ବା ବୁଥ ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତି କରାଯାଇଛି । ସେମାନଙ୍କୁ ସହଯୋଗ ଓ ମାର୍ଗଦର୍ଶନ ପାଇଁ ୧୬୧ ଜଣ ବିଏଲଓ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ଭୋଟରଙ୍କ ସଂଖ୍ୟା ୧୩୮୭୯୩୦ ଥିବାବେଳେ ବିଏଲଓ ମାନେ ବର୍ତମାନ ସୁଦ୍ଧା ଶତକଡ଼ା ୯୯.୪୩ ଭାଗ ଫର୍ମ ଭୋଟର ମାନଙ୍କୁ ପ୍ରଦାନ କରିଛନ୍ତି । ଏହି ଫର୍ମ ର ଗୋଟିଏ କପି ଭୋଟର ରଖୁଥିବା ବେଳେ ଭୋଟରଙ୍କ ଦ୍ୱାରା ପୂରଣ ଓ ସ୍ୱାକ୍ଷର ହୋଇଥିବା ଅନ୍ୟ କପି ଟି ବିଏଲଓ ସଂଗ୍ରହ କରୁଛନ୍ତି ।ବିଏଲଓ ମାନେ ଭୋଟର ମାନଙ୍କୁ ମଧ ଫର୍ମ ପୂରଣରେ ସହାୟତା କରୁଛନ୍ତି । ସେହିପରି ଭୋଟର ଫର୍ମ ଗୁଡିକର ଡିଜିଟାଇଜେସନ ଜାରି ରହିଛି । ବର୍ତମାନ ସୁଦ୍ଧା ଶତକଡ଼ା ୪୦.୬୭ ଭାଗ ଡିଜିଟାଇଜେସନ ସରିଛି ବୋଲି ଜିଲ୍ଲାପାଳ ପାୱାର ପଏଂଟ ମାଧ୍ୟମରେ ସୂଚନା ଦେଇଥିଲେ । ଡେପୁଟି କମିଶନର ଶ୍ରୀ ଭାରତୀ ଏସଆଇଆର ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଜିଜ୍ଞାସା କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଓ ଜିଲ୍ଲାପାଳ ଶ୍ରୀ ପରିଡା ଏହାର ଉତର ପ୍ରଦାନ କରିଥିଲେ । ଏହି ସମୀକ୍ଷାରେ ଭାରତର ନିର୍ବାଚନ କମିଶନରଙ୍କ ପ୍ରମୁଖ ସଚିବ ଏସ ବି ଯୋଶୀ, ଡେପୁଟି ସେକ୍ରେଟାରୀ ଅଭିନବ ଅଗ୍ରୱାଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଲା, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି ସିଇଓ ଡଃ. ଲକ୍ଷ୍ମୀ ପ୍ରସାଦ ସାହୁ, ଯୁଗ୍ମ ସିଇଓ ଗୋପିନାଥ କୁଅଁର, ଶାଶ୍ୱତ ପ୍ରଧାନ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଶ୍ରୀ ଭାରତୀ ଓ ଅନ୍ୟ ସଦସ୍ୟ ମାନେ ଶ୍ରୀମନ୍ଦିର ପରିଦର୍ଶନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଅତିଥି ମାନଙ୍କୁ ମହାପ୍ରଭୁଙ୍କ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।
ପୂର୍ବରୁ କମିଶନର ସଦସ୍ୟ ମାନେ କ୍ଷେତ୍ର ପରିଦର୍ଶନ କରିବା ସହ ପିପିଲି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର କିଛି ବୁଥ ବୁଲି ବିଏଲଓ ଓ ବିଏଲଓ ସୁପରଭାଇଜର ମାନଙ୍କ ସହ ଆଲୋଚନା କରିଥିଲେ ।

# ଖାଲଖମାରେ ହଜିଗଲା ଝାରସୁଗୁଡ଼ା-ଧୁତରା ରାସ୍ତା : ପ୍ରଶାସନର ନିଦ ଭାଙ୍ଗିବ କେବେ ?

ଝାରସୁଗୁଡ଼ା, ୧୭/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ସଡ଼କ ଝାରସୁଗୁଡ଼ା-ଧୁତରା ରାସ୍ତା ଏବେ ଚରମ ଅବ୍ୟବସ୍ଥା ଓ ଅବହେଳାର ଶିକାର ହୋଇପଡ଼ିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଏସପି ଅଫିସ, ବିଭିନ୍ନ ବ୍ୟାଙ୍କ ଓ ପ୍ରମୁଖ ସରକାରୀ ପ୍ରତିଷ୍ଠାନକୁ ସଂଯୋଗ କରୁଥିବା ଏହି ରାସ୍ତାର ଦୁର୍ଦ୍ଦଶା ଏବେ ସାଧାରଣ ଲୋକଙ୍କ ପାଇଁ ଦୈନନ୍ଦିନ ଯନ୍ତ୍ରଣାର କାରଣ ପାଲଟିଛି । ତଥାପି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗର ନୀରବତାକୁ ନେଇ ଜନଅସନ୍ତୋଷ ଦିନକୁ ଦିନ ବଢ଼ୁଛି ।
ଦକ୍ଷିଣ-ପୂର୍ବ ରେଳପଥର ଚତୁର୍ଥ ରେଳଲାଇନ୍ ନିର୍ମାଣ କାର୍ଯ୍ୟ ସହିତ ଅଂଚଳର ବିଭିନ୍ନ ଶିଳ୍ପାନୁଷ୍ଠାନର ଶତାଧିକ ଭାରୀ ଟିପର, ହାଇୱା, ସିମେଂଟ ବୋଝେଇ ଗାଡ଼ି ଏବଂ ଆଇଓସିଏଲ୍ ଟ୍ୟାଙ୍କର ଦିନରାତି ଏହି ରାସ୍ତାରେ ଚଳାଚଳ କରୁଛି । ଫଳରେ ସମ୍ପୂର୍ଣ୍ଣ ରାସ୍ତା ବଡ଼ ବଡ଼ ଖାଲଖମାରେ ପରିଣତ ହୋଇଥିବାବେଳେ ଯାତାୟାତ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି । ରାସ୍ତାର ଅବସ୍ଥା ଏପରି ଯେ, ଗାଡ଼ି ଚଳାଇବା ତ ଦୂରର କଥା, ପାଦଚାରୀଙ୍କ ପାଇଁ ମଧ ଏହା ମୃତ୍ୟୁଫାନ୍ଦ ସଦୃଶ ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତାର ଏଭଳି ଶୋଚନୀୟ ସ୍ଥିତି ବିଷୟରେ ବାରମ୍ବାର ପ୍ରଶାସନ ଓ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ କେବଳ ଆଶ୍ୱାସନ ଛଡ଼ା ଆଉ କିଛି ମିଳିନାହିଁ । ପ୍ରଶ୍ନ ଉଠୁଛି, ଜିଲ୍ଲାର ଏତେ ଗୁରୁତ୍ୱପୂର୍ଣ୍ଣ ସଡ଼କର ଦୁର୍ଦ୍ଦଶା ଯଦି ମାସ ମାସ ଧରି ଏପରି ଜାରି ରହେ, ତେବେ ସମ୍ପୃକ୍ତ ବିଭାଗ କ'ଣ କରୁଛି ? ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ପରେ ହିଁ କି ପ୍ରଶାସନର ନିଦ ଭାଙ୍ଗିବ? ଏହି ରାସ୍ତା ଉପରେ ଧୁତରା, ଅର୍ଡ୍ରା, ସାରସମାଲ ସମେତ ଅନେକ ଗ୍ରାମର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ରାସ୍ତାର ଅବସ୍ଥା ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି । ଯାତ୍ରୀବାହୀ ବସ, ସ୍କୁଲ ଛାତ୍ରଛାତ୍ରୀ, ରୋଗୀବାହୀ ଆମ୍ବୁଲାନ୍ସ ଏବଂ ସାଧାରଣ ଯାତ୍ରୀ ପ୍ରତିଦିନ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରୁଛନ୍ତି । ଅର୍ଡ୍ରା ସରପଂଚ ବୀଣାପାଣି ପୋଢ଼, ଗୋପାଳ କଲାର, ଦୁଃଖବନ୍ଧୁ ବାଘ, ମହେନ୍ଦ୍ର ବେହେରା, ସନ୍ତୋଷ ବାଘଙ୍କ ସମେତ ଅଂଚଳବାସୀ ତୁରନ୍ତ ସ୍ଥାୟୀ ଭାବେ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଦୃଢ଼ ଦାବି କରିଛନ୍ତି । ଅନ୍ୟପକ୍ଷରେ, ଏହି ସମସ୍ୟା ନେଇ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱରେ ଥିବା ଡି.କେ. ମେହେରଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗର ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇନଥିଲା । ତେଣୁ ଜନସାଧାରଣଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଛି—ରାସ୍ତାର ଏହି ଦୁର୍ଦ୍ଦଶା ପାଇଁ ଦାୟୀ କିଏ ?

# ସ୍ୱଷ୍ଟ ଦିବାଲୋକରେ ଖୁଂଟିଆପଲା ଗ୍ରାମରେ ବନ ସମ୍ପଦ ଲୁଟ: ଭିଜିଲାନ୍ସ ତଦନ୍ତ ଦାବି

ଜୟପୁର, ୧୭/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିସିଂପୁର ଖୁଂଟିଆପଲା ଗ୍ରାମରେ ସ୍ୱଷ୍ଟ ଦିବାଲୋକରେ ବନ ସମ୍ପଦ ଲୁଟ ହେଉଛି । ଜୟପୁର ଭିଜିଲାନ୍ସ ଏନେଇ ତଦନ୍ତ କରିବାକୁ ଦାବି ହୋଇଛି ।
ଗ୍ରାମବାସୀଙ୍କ ସଚେତନତା ଓ ତତ୍ପରତା ଯୋଗୁଁ ଜଙ୍ଗଲ ଭିତରୁ ବହୁ ମୂଲ୍ୟବାନ ଟେକ କାଠ ଜବତ ହୋଇଥିବା ବେଳେ ବନ ବିଭାଗର ପେଟ୍ରୋଲିଂ ବ୍ୟବସ୍ଥାକୁ ନେଇ ଉଠିଛି ବଡ଼ ବଡ଼ ପ୍ରଶ୍ନ । ଦୀର୍ଘ ଦିନ ଧରି ଚାଲିଥିବା କାଠ ଚୋରାଚାଲାଣ ବିଷୟରେ ବନ ବିଭାଗ କିପରି ଅବଗତ ହୋଇପାରିଲା ନାହିଁ ତାହା ସାଧାରଣରେ ପ୍ରଶ୍ନ ହୋଇଛି । ଏହା ପଛରେ କୌଣସି ସଂଗଠିତ ରାକେଟ ରହିଥିବା ଅନୁମାନ କରାଯାଉଛି ।
ଜୟପୁର ବନଖଣ୍ଡ ବିସିଂପୁର ଖୁଂଟୀଆପଲା ଗ୍ରାମ ନିକଟସ୍ଥ ଜଙ୍ଗଲରେ କେତେକ ମୂଲ୍ୟବାନ ଟେକ ଗଛ କାଟି ଗଦା କରି ରଖାଯାଇଥିବା ଦେଖି ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଂଚି କାଠଗୁଡ଼ିକୁ ଜବତ କରିବା ସହ ବନ ବିଭାଗକୁ ସୂଚନା ଦେଇଥିଲେ । ଖବର ପାଇ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ ଏବଂ ପ୍ରାୟ ୭ଟି ବଡ଼ ଟେକ ଗଛର କାଠ ଜବତ କରିଥିବା ସୂଚନା ମିଳିଛି ।
କିନ୍ତୁ ଘଟଣାକୁ ନେଇ ଏବେ ଉଠୁଛି ଅନେକ ପ୍ରଶ୍ନ । ବନ ବିଭାଗ ପକ୍ଷରୁ ନିୟମିତ ପେଟ୍ରୋଲିଂ କରାଯାଉଥିବା ଦାବି କରାଯାଉଥିବା ବେଳେ, ଏତେ ବଡ଼ ବଡ଼ ଗଛ କାଟି ଜଙ୍ଗଲ ଭିତରେ ଗଦା କରାଯିବା ଘଟଣା କିପରି ନଜରକୁ ଆସିଲା ନାହିଁ? ଗଛ କଟାଠାରୁ ଆରମ୍ଭ କରି କାଠ ଚୋରା ଚାଲାଣ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା କିପରି ବନ ବିଭାଗର ଅଜାଣତରେ ହୋଇପାରୁଛି ।
ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ଏକ ବର୍ଷ ଧରି ଏହି ଅଂଚଳରେ ମୂଲ୍ୟବାନ ଗଛ କାଟି ଚୋରାଚାଲାଣ ଚାଲିଆସୁଛି । ତଥାପି କାଠ ମାଫିଆଙ୍କ ବିରୋଧରେ କୌଣସି ବଡ଼ ଧରଣର ପଦକ୍ଷେପ ଦେଖିବାକୁ ମିଳିନଥିବାରୁ ଲୋକଙ୍କ ମନରେ ସନ୍ଦେହ ଆହୁରି ବଢ଼ିଛି ।
କେବଳ ସେତିକି ନୁହେଁ, କେତେକ ଗ୍ରାମବାସୀ ବନ ବିଭାଗର କାର୍ଯ୍ୟଶୈଳୀ ଓ ପେଟ୍ରୋଲିଂ ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି । ସେମାନଙ୍କ ମତରେ, ଯଦି ପେଟ୍ରୋଲିଂ ବ୍ୟବସ୍ଥା ସକ୍ରିୟ ଓ ପ୍ରଭାବଶାଳୀ ହୋଇଥାନ୍ତା, ତେବେ ଏତେ ପରିମାଣରେ ବନ ସମ୍ପଦ ଲୁଟ ସମ୍ଭବ ହୋଇନଥାନ୍ତା । ଏହାରି ମଧ୍ୟରେ ସାଧାରଣ ଲୋକ ଓ ପରିବେଶପ୍ରେମୀଙ୍କ ଦାବି ହେଉଛି, ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ । କାଠ ମାଫିଆଙ୍କ ସହ ଯଦି କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୋଧରେ ମଧ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।
ତେବେ ପ୍ରଶ୍ନ ଉଠୁଛି, ବିସିଂପୁର ଖୁଂଟିଆପଲା ଜଙ୍ଗଲରୁ ହେଉଥିବା ବନ ସମ୍ପଦ ଲୁଟ ପଛରେ କିଏ ? କାଠ ଜବତ କରି ବନ ବିଭାଗ ନିଜ କର୍ତବ୍ୟ ସାରିଦେବ, ନା ଏହା ପଛରେ ଥିବା ପ୍ରକୃତ ମାଷ୍ଟରମାଇଣ୍ଡ ଓ କାଠ ମାଫିଆଙ୍କୁ ଚିହ୍ନଟ କରି ଆଇନର କାଠଗଡ଼ାକୁ ଆଣିବ ?

# ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଶିବିର ହେଉନାହିଁ

ଗଞ୍ଜାମ, ୧୭/୦୬ (ନି.ପ୍ର): ପ୍ରତ୍ୟେକ ସିଏଚସି ପିଏଚସି ଓ ସବ୍ ସେଂଟରରେ ପ୍ରତ୍ୟେକ ମାସରେ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ହସପିଟାଲ ଓ ସବସେଂଟରରେ ଶିବିରରେ ଖର୍ଚ୍ଚ ତଥା ରୋଗୀଙ୍କୁ ଜଳଖିଆ, ଗଣମାଧ୍ୟମ ଓ ରିସୋର୍ସ ପର୍ସନଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ ହେବା କଥା । କିନ୍ତୁ, ପ୍ରାରମ୍ଭିକ ଗୋଟିଏ ଦୁଇଟି ଶିବିର କରିବାପରେ ତାହା କରାଯାଉନି । ଏଥିପାଇଁ ଆସୁଥିବା ଅର୍ଥକୁ ଡାକ୍ତର ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ ମାନେ ଆତ୍ମସାତ କରୁଛନ୍ତି । ଗଂଜାମ ମୁଖ୍ୟ ଚିକିତ୍ସା ଅଧିକାରୀ ଅଚାନକ ଗୋପନ ତଦନ୍ତ କଲେ ବହୁ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଜନମତ ପ୍ରକାଶ ପାଇଛି ।

# ଆସନ୍ତା ୧୯ରେ ଭୁବନେଶ୍ୱର ଏମ୍ସ ତରଫରୁ ରାଇରଙ୍ଗପୁରରେ ଆୟୋଜିତ ହେବ ନିଃଶୁଳ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ରାଇରଙ୍ଗପୁର, ୧୭/୦୬ (ନି.ପ୍ର): ଆସନ୍ତା ୧୯ ତାରିଖରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭୁବନେଶ୍ୱର ଏମ୍ସ ଚିକିତ୍ସାଳୟର ବିଭିନ୍ନ ରୋଗର ଚିକିତ୍ସା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ନିଶୁଳ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ଇତିମଧ୍ୟରେ ଭୁବନେଶ୍ୱରର ଏମ୍ସର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଇଓ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲର ନିର୍ଦ୍ଦେଶକ ଡଃ. ପ୍ରଭାସ ରଞ୍ଜନ ତ୍ରିପାଠୀ, ବିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଜିତ ସରକାର, ଲୋକ ସମ୍ପର୍କ ଅଧିକାରୀ (ପିଆରଓ) ରାଜକିଶୋର ଦାସ, ସହକାରୀ ପ୍ରଶାସନିକ ଅଧିକାରୀ ଦିବ୍ୟ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ ଓ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ପଦାଧିକାରୀ ପ୍ରମୁଖ ରାଇରଙ୍ଗପୁର ଗସ୍ତରେ ଆସି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସମସ୍ତ ବିଭାଗ ଅନୁଧ୍ୟାନ କରିଛନ୍ତି ।
ଶିବିରର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ରନାଥ ମାରାଣ୍ଡି, ହସ୍ପିଟାଲ ମ୍ୟାନେଜର ଆଲୋକ ଗୋଛାୟତ ସହାୟତା କରିଥିଲେ ।
ଏହି ଅବସରରେ ଏମ୍ସର ସି ଇ ଓ ଡା. ବିଶ୍ୱାସ ସୂଚୀତ କରିଥିଲେ ଯେ, ଉପଖଣ୍ଡ ଚିକିତ୍ସାଳୟରେ ଚଳିତ ମାସ ୧୯ ତାରିଖ ଦିନ ଏମ୍ସ ଚିକିତ୍ସାଳୟର ବିଶେଷଜ୍ଞ ଦ୍ୱାରା ଏକ ସ୍ୱତନ୍ତ୍ର ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହେବ । ବିଶେଷତଃ ବାମନଘାଟୀ ଉପଖଣ୍ଡ ସହିତ କରଞ୍ଜିଆ ଉପଖଣ୍ଡ ଏବଂ ଏହାର ଆଖପାଖ ଅଂଚଳର ବିଭିନ୍ନ ରୋଗରେ ଦୀର୍ଘକାଳୀନ ପୀଡ଼ିତ ରୋଗୀମାନେ ଏଠାରେ ବିଶେଷଜ୍ଞଙ୍କୁ ଦେଖାଇ ପରାମର୍ଶ ନେଇ ପାରିବେ । ଏଠାରେ ହୃଦରୋଗ , ସ୍ନାୟୁ ରୋଗ, ମେଡିସିନ, ଚର୍ମ, ଇ ଏନ ଟି (ନାସା -ଗଳା-କର୍ଣ୍ଣ ), ଚକ୍ଷୁ , ପେଡିଆଟ୍ରିକ୍ସ, ସର୍ଜରୀ, କିଡନୀ, ପ୍ରସୂତି ଓ ସ୍ତ୍ରୀ ରୋଗ , ମେଡିସିନ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ରୋଗର ଚିକିତ୍ସା ତଥା ପରୀକ୍ଷା ଇତ୍ୟାଦି ମାଗଣାରେ ଉପଲବ୍ଧ ହେବ । ଏତଦ ବ୍ୟତୀତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପରାମର୍ଶ ପାଇବା ସହିତ ରୋଗୀମାନେ ସହଜରେ ଔଷଧ ଓ ଚିକିତ୍ସା ସୁବିଧା ନେବେ ବୋଲି ପ୍ରକାଶ କରିଥିଲେ । ତେଣୁ ଅଞ୍ଚଳର ରୋଗୀ ଏବଂ ଜନସାଧାରଣ ଏହି ସ୍ୱତନ୍ତ୍ର ନିଶୁଳ୍କ ସ୍ୱାସ୍ଥ୍ୟ ସେବାର ବହୁଳ ସୁଯୋଗ ନେବାକୁ ଏମ୍ସ ତରଫରୁ ନିବେଦନ କରାଯାଇଛି ।

# ରାଜେନ୍ଦ୍ର ଡ୍ୟାମର ବିକାଶପାଇଁ ବିଧାୟକଙ୍କୁ ଭେଟିଲେ ପ୍ରତିନିଧିଦଳ

ବଲାଙ୍ଗିର, ୧୭/୦୬ (ନି.ପ୍ର): ବଲାଙ୍ଗୀର ସହରରେ ଚଳିତବର୍ଷ ୧୧ଟି ବନ୍ଧକଟାର ସଫଳତାର ପୁନଃରୁଦ୍ଧାର ହୋଇଛି । ଏହାକୁନେଇ ଜନସାଧାରଣ ଖୁସିବ୍ୟକ୍ତ କରୁଛନ୍ତି । ତେବେ ଆସନ୍ତାବର୍ଷକୁ ବଲାଙ୍ଗୀର ସହରଦେଇ ବହିଯାଇଥିବା ଲକ୍ଷ୍ମୀଯୋର ଉପରେ ନିର୍ମାଣ ହୋଇଥିବା ରାଜେନ୍ଦ୍ରଡ୍ୟାମର ବିକାଶ ପାଇଁ ୫ଟିପଡାର ଲୋକ ଦାବିକରିଛନ୍ତି । ଶନିବାର ଦିନ ଏକ ପ୍ରତିନିଧିଦଳ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ଏହି ପ୍ରକଳ୍ପର ବିକାଶନେଇ ଆଲୋଚନା କରିଛନ୍ତି । ରାଜେନ୍ଦ୍ରପଡାର ପ୍ରଦୀପ ମହାନ୍ତି, ସୁବ୍ରତ ମହାପାତ୍ର, ଶିବ ଗୌଡ, କୃଷ୍ଣଚନ୍ଦ୍ର ଦାନୀ,ଟଙ୍କଧର ସୁନାଙ୍କ ସହିତ ବହୁସଂଖ୍ୟା ରେ ଲୋକମାନେ ଯାଇ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଭେଟି ଆଲୋଚନାକରି ଦାବିପତ୍ର ପ୍ରଧାନ କରିଛନ୍ତି । ଲୋକଙ୍କ ଦାବିକୁ ନେଇ ବିଧାୟକ କ୍ଷୁଦ୍ରଜଳସେଚନ ବିଭାଗ ର ସର୍ବୋଚ୍ଚଯନ୍ତ୍ରୀଙ୍କୁ ଚିଠିଲେଖି ଅନୁଦାନ ମଗାଯିବ ବୋଲି ପ୍ରତିନିଧିଦଳଙ୍କୁ ପ୍ରତିଶୃତି ଦେଇଛନ୍ତି ।
ସହର ଭିତରେ ଥିବା ୧୦୦ଏକର ପରିମିତ ରାଜେନ୍ଦ୍ରଡ୍ୟାମ ୭୦ ଦଶକରେ ନିର୍ମାଣ ହୋଇଥିଲା । ରାଜେନ୍ଦ୍ରପଡାଠାରୁ ଆରମ୍ଭ କରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଲମ୍ବି ରହିଛି । ଏଠାରୁ ଚାଷିଙ୍କ ଜମିକୁ ଜଳସେଚନ ସହିତ ଲୋକଙ୍କ ବ୍ୟବହାର ହେଉଥିଲା । କିନ୍ତୁ ଦୀର୍ଘବର୍ଷ ହେଲା ପୁନଃରୁଦ୍ଧାର ନହେବାରୁ ଏହାର ଜଳଧାରଣ କ୍ଷମତା କମି ଯାଇଛି । ଫଳରେ ଫେବୃୟାରୀ ମାସ ସୁଦ୍ଧା ଏହି ପ୍ରକଳ୍ପରପାଣି ସୁଖିଯାଉଛି । ଏହି ଡେମଉପରେ ଡେମପଡା, ରାଜେନ୍ଦ୍ରପଡା, ଆନନ୍ଦନଗର, ସୂର୍ଯ୍ୟନଗର,ଚମାରପଡା ଇତ୍ୟାଦି ଅଂଚଳର ଲୋକ ନିର୍ଭର କରିଥାନ୍ତି । ଗରୀବ ଲୋକମାନେ ଗାଧୁଆପାଧୁଆଠାରୁ ତାଙ୍କ ନିତ୍ୟବ୍ୟବହାର୍ଯ୍ୟ ପାଣି ବ୍ୟବହାର ଏଠାରୁ କରିଥାନ୍ତି । ଏହି ପ୍ରକଳ୍ପହେଲେ ବଲାଙ୍ଗୀର ସହରର ଭୂତଳ-ଜଳସ୍ତର ମଧ ବଢିବ । ତେଣୁ ଏହି ପ୍ରକଳ୍ପର ଉନ୍ନତିକରଣର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟଲୋକ ଦାବି କରୁଛନ୍ତି । ଏବେ ପ୍ରକଳ୍ପରୁ ମାଟିପୁନଃରୁଦ୍ଧାର କରାଯାଇ କଳେବର ବଢାଯାଇପାରିବ । ଏହାକଲେ ପ୍ରକଳ୍ପର ଜଳଧାରଣ କ୍ଷମତାବଢିବ । ଏହା ସହିତ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କରାଗଲେ ସହରବାସୀଙ୍କ ଅବଦରବିନୋଦନ ପାଇଁ ମଧ ସୁବିଧା ହେବ ବୋଲି ଦାବି କରାଯାଇଛି । କ୍ଷୁଦ୍ରଜଳସେଚନ ବିଭାଗ ମାଟିଉନ୍ନତିକରଣ କରାଇଲେ ପୌରପାଳିକା ପକ୍ଷରୁ ଏଠାରେ ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ କରିପାରିବ ବୋଲି ଜନସାଧରଣ ଦାବିକରିଛନ୍ତି । ବିଧାୟକ ଓ ଜିଲ୍ଲାପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

# ମଧ୍ୟାହ୍ନ ଭୋଜନ ଚାଉଳରେ ବିଷ ମିଶାଯିବା ଘଟଣା: ଏବିଇଓଙ୍କୁ ଘେରିଲେ କଳମଚୁଆ ଗ୍ରାମବାସୀ



ଖଇରା, ୧୭/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ କଳମଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାମରେ ଗଚ୍ଛିତ ରଖାଯାଇଥିବା ଚାଉଳରେ ବିଷ ମିଶାଯିବା କୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ବୁଧବାର ଉତ୍ୟକ୍ତ ଗ୍ରାମବାସୀ ଘଟଣାର ତଦନ୍ତ କରି ପରିଚାଳନା କମିଟି ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେବା ସହ ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ୨ଘଣ୍ଟା ଧରି ଘେରାଉକରି ରଖିଥିଲେ । ପରେ ଏବିଇଓ ଘଟଣାରେ ସଂପୃକ୍ତ ଥିବା କମିଟି ସଭାପତିଙ୍କୁ ଗୁରୁବାର ନୋଟିସ କରି ଡାକିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବା ପରେ ଗ୍ରାମବାସୀ ଏବିଇଓଙ୍କୁ ଛାଡିଥିଲେ । ସ୍କୁଲରେ ଗଚ୍ଛିତ ଥିବା ପାଖାପାଖି ୬କୁଇଣ୍ଟାଲ ଚାଉଳକୁ ପୋକରୁ ରକ୍ଷା କରିବାକୁ କମିଟି ସଭାପତି ରୋଷେଇ ଦାୟିତ୍ୱରେ ଥିବା ସହାୟିକାଙ୍କୁ କିଟନାଶକ ମିସାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏଭଳି ସ୍ପର୍ଶକାତର ବିଷୟରେ ରୋଷେଇ କରୁଥିବା ସହାୟିକା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ଶିକ୍ଷାବିଭାଗକୁ ଜଣାଇବା ସହ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିରହିଥିଲେ । ଏ ସମ୍ପର୍କରେ ଏବିଇଓଙ୍କ ପ୍ରତିକ୍ରିୟା ନିଆଯିବାରେ ଗ୍ରାମବାସୀଙ୍କ ମାନେ କମିଟି ସଭାପତିଙ୍କୁ ବିଦ୍ୟାଳୟରେ ହାଜର ହୋଇ ସମସ୍ତ ଘଟଣା ପ୍ରକାଶ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେବା ପରେ ସଭାପତିଙ୍କୁ ଗୁରୁବାର ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନୋଟିସ କରାଯାଇଥିବା କହିଛନ୍ତି ।

# ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର , ୧୭/୦୬ (ନି.ପ୍ର): ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ବୁଧବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ ଠାରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱ ଆରୋପ କରିଛନ୍ତି । ସୌରଶକ୍ତିଚାଳିତ ଜଳସେଚନ ପମ୍ପର ବ୍ୟାପକ ବ୍ୟବହାର କୃଷକମାନଙ୍କ ଜମିରେ ଜଳସେଚନ ଖର୍ଚ୍ଚ ହ୍ରାସ କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବ ଏବଂ ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି ।
କୃଷକମାନଙ୍କ ମଧ୍ୟରେ ସୌରଚାଳିତ ଜଳସେଚନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ଗ୍ରିଡ୍ କୁ ଯୋଗାଇ ଦିଆଯାଇପାରିବ ଏବଂ ଏହା କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଏକ ଉତ୍ସ ସୃଷ୍ଟି କରିବା ସହ ସ୍ଥାୟୀ କୃଷି ଓ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ସୁଦୃଢ଼ କରିବ ।
ପିଏମ୍-କୁସୁମ ଯୋଜନା ସଂପର୍କରେ ଉଲ୍ଲେଖ କରି ବିଭାଗର ସଚେତନତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ପାରମ୍ପରିକ ବିଦ୍ୟୁତଚାଳିତ ପମ୍ପ ପରିବର୍ତେ ସୌରଚାଳିତ ପମ୍ପ ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ବୈଠକରେ ବିଭାଗୀୟ ଅଧିକାରୀମାନେ ଜଳ ସଂପଦ ବିଭାଗର କାର୍ଯ୍ୟାବଳୀ, ଭୂପୃଷ୍ଠ ଓ ଭୂତଳ ଜଳ ସମ୍ପଦ, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଭୂତଳ ଜଳ ବିକାଶ, କମାଣ୍ଡ ଏରିଆ ବିକାଶ, ବର୍ଷାଧାରୀ ଜଳସେଚନ ସଫଳତା, ସୃଷ୍ଟି ହୋଇଥିବା ଓ ପ୍ରସ୍ତାବିତ ସେଚନ କ୍ଷମତା, ଭିତିଭୂମି ବିକାଶ ପଦକ୍ଷେପ, ଜଳବାୟୁ ସହନଶୀଳ ବ୍ୟବସ୍ଥା, ୨୦୪୭ ରୋଡମ୍ୟାପ୍ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ବିସ୍ତୃତଭାବେ ଉପସ୍ଥାପନ କରିଥିଲେ ।
ରାଜ୍ୟ ବଜେଟ୍ ରେ ଜଳ ସମ୍ପଦ ବିଭାଗ ପାଇଁ ୧୪,୫୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ରାଜ୍ୟପାଳ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ଏହା ଜଳସେଚନ ଭିତିଭୂମିକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କ ପାଇଁ ଜଳ ନିରାପତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ଦ୍ଧିତ ବ୍ୟୟବରାଦ ବିଭାଗକୁ ତାହାର କାର୍ଯ୍ୟକ୍ରମଗୁଡ଼ିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟର ଜଳସେଚନ ନେଟୱାର୍କର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।
ଜଳସେଚନ ବ୍ୟବସ୍ଥାର ଟେଲ୍-ଏଣ୍ଡ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ କୃଷିଜମିକୁ ପର୍ଯ୍ୟାପ୍ତ ଜଳ ପହଂଚି ନପାରେ, ସେଠାରେ ମତ୍ସ୍ୟଚାଷର ସମ୍ଭାବନା ଅନ୍ୱେଷଣ କରିବାକୁ ପରାମର୍ଶ ଦେଇଥିଲେ । ଏପରି ପଦକ୍ଷେପ କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଉତ୍ସ ସୃଷ୍ଟି କରିବା ସହ ଗ୍ରାମୀଣ ଜୀବିକା ବିକାଶର ଏକ ଉତମ ମଡେଲ୍ ହୋଇପାରିବ ବୋଲି ସେ କହିଥିଲେ । ମତ୍ସ୍ୟଚାଷ ବିକାଶ ମୁଖ୍ୟତଃ ମତ୍ସ୍ୟ ବିଭାଗର ଅଧୀନରେ ଥିଲେ ମଧ, ଜଳ ଉପଲବ୍ଧତା ସୁନିଶ୍ଚିତ କରି ଜଳ ସମ୍ପଦ ବିଭାଗ ଏଥିରେ ସହାୟକ ଭୂମିକା ନିଭାଇପାରିବ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଆଲୋଚନା ସମୟରେ ରାଜ୍ୟପାଳ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ସଂରଚନା, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ସେଗୁଡ଼ିକର ସେଚନ କ୍ଷମତା ସମ୍ପର୍କରେ ଅବଗତ ହୋଇଥିଲେ । ରାଜ୍ୟପାଳ ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ସମ୍ପର୍କରେ ମଧ ଆଲୋଚନା କରିଥିଲେ ।
ହାତକୁ ନିଆଯାଇଥିବା ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ, ଏହା ଦ୍ୱାରା କୃଷକ ଓ ଗ୍ରାମୀଣ ଗୋଷ୍ଠୀ ମାନେ ସର୍ବାଧିକ ଲାଭ ପାଇପାରିବେ । ଏହି ବୈଠକରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ଲୋକସେବା ଭବନର ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ମକଡ୍ରିଲ ଏବଂ ଟେବୁଲଟପ ଏକସରସାଇଜ ନିମନ୍ତେ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୧୭/୬ (ନି.ପ୍ର): ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ ଘଟିକାରେ ଟେବୁଲଟପ ଏକସରସାଇଜ ଏବଂ ମକ ଡ୍ରିଲ ନିମନ୍ତେ ପ୍ରସ୍ତୁତି ବୈଠକ ଅଡିଟୋରିଓମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ସମ୍ଭାବ୍ୟ ବନ୍ୟା, ବତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ ୧୯ ତାରିଖରେ ଏକ ମକଡ୍ରିଲ ଲାଗି ଆଜିର ବୈଠକରେ ନିଷ୍ପତି ନିଆଯାଇଛି । ଆଗାମୀ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ଏବଂ ପୌରାଂଚଳ ସ୍ତରରେ ଟେବୁଲଟପ ଏକସରସାଇଜ ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟ କୁ ସାକାର କରିବା ପାଇଁ ପ୍ରସ୍ତୁତି କୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ ଏହା ଅନୁଷ୍ଠିତ ହେବ । ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ . ସ୍ଥାନୀୟ ବି.ଡି.ଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ଅବଗତ କରାଇବେ । ବନ୍ୟା ଓ ବାତ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା, ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗ ପାଓ୍ୱଡର ,ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଞ୍ଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି କାଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ (ସାଧାରଣ), ଉପ ଜିଲ୍ଲାପାଳ, ନୀଳଗିରି, ଶ୍ରୀମତୀ ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ.ଡି.ଆର.ଏଫ , ଓ.ଡ୍ରା.ଫ ବାହିନୀ, ସ୍ୱେଚ୍ଛାସେବି ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭାରତୀୟ ନାବିକଙ୍କ...

ପଶ୍ଚିମ ଏସିଆ ପ୍ରସଙ୍ଗ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ପଶ୍ଚିମ ଏସିଆରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା କରୁଛନ୍ତି। ବୈଠକ ପରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ-ଆମେରିକା ମଧ୍ୟରେ ଥିବା ରଣନୈତିକ ସମ୍ପର୍କ ବର୍ତ୍ତମାନ ଏକ ନୂଆ ଶକ୍ତି ଓ ଗତି ହାସଲ କରୁଛି। ଅପରପକ୍ଷରେ, ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ଜଣେ ଭଲ ବନ୍ଧୁ ଭାବେ ଅଭିହିତ ନିବିଡ଼ ସମ୍ପର୍କକୁ ପୁନର୍ବାର ପ୍ରଦର୍ଶନ କରିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ବ୍ୟତୀତ ୟୁରୋପୀୟ ୟୁନିଅନର ପ୍ରମୁଖ ନେତାମାନଙ୍କ ସହ ମଧ ବୈଠକ କରିଛନ୍ତି। ଏହି ଆଲୋଚନାରୁ ଏକ ବଡ଼ ସଫଳତା ମିଳିଛି, ଯେଉଁଠାରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଓ ୟୁରୋପୀୟ ୟୁନିଅନ ମଧ୍ୟରେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ସହମତି ପ୍ରକାଶ ପାଇଛି।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ...

ଚାମେଲିଙ୍କୁ ନିର୍ଯାତନା ନେଇ ଗତକାଲି ଏନଏଚ୍ଆରସିରେ ମାମଲା ପରେ ଆଜି ହାଇକୋର୍ଟରେ ଦାୟର ହୋଇଛି ଜନସ୍ୱାର୍ଥ ମାମଲା। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏସବୁ ଭିତରେ ମହିଳା କମିସନ ଟିମ୍ ହସ୍ପିଟାଲରେ ପହଞ୍ଚି ଚାମେଲିଙ୍କ ସହ ଅଲୋଚନା କରିଛନ୍ତି। ଏତଲା ନଥାଇ ଚାମେଲିଙ୍କ ଗିରଫକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଚାମେଲିଙ୍କ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଭିତରେ ସାମ୍ନାକୁ ଆସିଛି ବିଡ଼ିଓଙ୍କ ସହ ଆଲୋଚନା ବେଳର ଆଉ ଏକ ଭିଡ଼ିଓ। ଯେଉଁଥିରେ ଚାମେଲିଙ୍କୁ କିଛି ଲୋକ ଘେରିଯାଇ କାହିଁକି ଭିଡ଼ିଓ କରୁଛ ବୋଲି କହି ପାଟିତୁଣ୍ଡ କରି ନାଲିଆଖି ଦେଖାଇଥିଲେ। ଏହି ପ୍ରସଙ୍ଗରେ ସରକାର ଅକଳରେ ପଡ଼ିଥିବା ବେଳେ ଶାସକ ଦଳକୁ ଘେରିବାକୁ ବିରୋଧୀଙ୍କୁ ସୁଯୋଗ ମିଳିଛି। ବିଜେଡି ଟିମ୍ ହସ୍ପିଟାଲରେ ଚାମେଲିଙ୍କୁ ଭେଟିଥିବା ବେଳେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଛି କଂଗ୍ରେସ।

### ସୁପ୍ରିମକୋର୍ଟଙ୍କ ଛାଟ...

ସୁବର୍ଣ୍ଣପୁର ଜିଲ୍ଲାପାଳ କହିଛନ୍ତି ମାଆ ରାଧିକାଙ୍କୁ ଆଗରୁ ପକ୍କା ଘର ମିଳିଥିବାବେଳେ, ଉଭୟ ମାଆ ଓ ପୁଅ ୩୫ଶହ ଟଙ୍କା ଲେଖାଏଁ ଭତ୍ତା ଓ ୫ କେଜି ଲେଖାଏଁ ଚାଉଳ ପାଉଛନ୍ତି । ତଥାପି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ସେମାନଙ୍କ ବାକି ସମସ୍ୟା ଦୂର କରିବାକୁ ଗୁରୁତ୍ୱ ଦିଆଯାଉଛି । ବିକଶିତ ଓଡ଼ିଶା ପାଇଁ ସରକାର ସ୍ୱପ୍ନ ଦେଖୁଥିବା ବେଳେ ଏବେ ବି ଅନେକ ପରିବାର ମୁଣ୍ଡ ଉପରେ ଛାତ ଖଣ୍ଡିଏ ନାହିଁ । ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି, ଅକଥନୀୟ କଷ୍ଟ ଭୋଗୁଛନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ସେମାନଙ୍କ ଉପରେ ନା ପ୍ରଶାସନ ନା ରାଜନେତା, କାହାର ବି ନଜର ପଡୁନି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ରାଧିକା ଓ ଜପଙ୍କୁ ସହାୟତା ମିଳିଛି ସିନା, ହେଲେ ଏବେ ବି ଅନେକ ସଂଘର୍ଷ କରୁଛନ୍ତି ସାମାଜିକ ସୁରକ୍ଷା ଓ ସମ୍ମାନର ସହ ବଞ୍ଚିବା ପାଇଁ ।

### ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପରେ...

ସେ ଏହା ମଧ ସୂଚାଇ ଦେଇଛନ୍ତି ଯେ, ଏହି ଗୋଷ୍ଠୀ ଭବିଷ୍ୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱାଧୀନ ଏନଡିଏ ସହିତ କାମ କରିପାରେ । ଖାଲି ପଶ୍ଚିମ ବଙ୍ଗ କିମ୍ବା ମହାରାଷ୍ଟ୍ର ନୁହେଁ । ଉତ୍ତର ପ୍ରଦେଶରେ ବି ସାଂସଦ ମାନେ ବିକ୍ରି ହେବାକୁ ପ୍ରସ୍ତୁତ । ରାଜ୍ୟ ରାଜନୀତିରେ ପୁଣି ଏକ ବଡ଼ ବୟାନବାଜୀ । ଯୋଗୀ ଆଦିତ୍ୟନାଥ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଓପି ରାଜଭର ଦାବି କରି କହିଛନ୍ତି ଯେ ସମାଜବାଦୀ ପାର୍ଟି ଭିତରେ ଖୁବଶୀଘ୍ର ଏକ ବଡ଼ ବିଭାଜନ ହେବାକୁ ଯାଉଛି । ସମଗ୍ର ସପା ଏବେ ବିଜେପିରେ ଯୋଗଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ।

# ରଜ ଉତ୍ସବ ପାଳିତ

ଖୋର୍ଦ୍ଧା , ୧୭/୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରଚାର କ୍ରମରେ ବରିଷ୍ଠ ନାଗରିକ ମଞ୍ଚ ଏହାର ସଭା ଗୃହରେ ରଜ ଉତ୍ସବ ହର୍ଷ ଉଲ୍ଲାସରେ ପାଳନ କରିଛି । ଆରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ ପରେ ମଞ୍ଚର ସଭାପତି ବିଧାନ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହେନ୍ଦ୍ର କୁମାର ଦାସଙ୍କ ଜଗନ୍ନାଥଙ୍କୁ ଏକ ଭଜନ ସମର୍ପଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅନୁଷ୍ଠାନର ସଦସ୍ୟଙ୍କ ନାତି ନାତୁଣୀ ନବ୍ୟାଙ୍କିତା ସାହୁ, ଆୟୁଶୀ ନନ୍ଦ, ଅଭିକ୍ଷା ଦାଶ, ଶାକ୍ୟସିଂହ ପଟ୍ଟନାୟକ, ରୁଦ୍ର ନାରାୟଣ ନନ୍ଦ, ଭାଗ୍ୟଶ୍ରୀ ସାହୁ, ଅନନ୍ୟା ଅପରାଜିତା, ସାୟାଂଶି ନନ୍ଦ, ଶ୍ରଦ୍ଧାଶ୍ରୀ ମହାନ୍ତି, ପ୍ରାଜଲ ପ୍ରିୟା ସାହୁ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡାକ୍ତର ବାସୁଦେବ ପାତ୍ର, ଡ଼. ପ୍ରମୋଦ ଚନ୍ଦ୍ର ଦାଶ, ଦେବ ପ୍ରସାଦ ମଜୁମଦାର କୁନି କଳାକାରମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ରଜ ପର୍ବ ଉପଲକ୍ଷେ ସ୍ୱହସ୍ତ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ପିଠା ଝରଣା ମିଶ୍ର, ପୁଷ୍ପାଞ୍ଜଳି ମହାନ୍ତି, କମଳିନୀ ପ୍ରଧାନ, ନମିତା ଦାସ, ଶାନ୍ତିଲତା ବଳିୟାରସିଂହ, ଚପଳା ପଣ୍ଡା, ସବିତା ସାହୁ, ଅନସୂୟା ସାମନ୍ତରାୟ, ହୃଷିକେଶ ନନ୍ଦ, ନିରଞ୍ଜନ ସାହୁ, ଗନ୍ଧର୍ବ ସାହୁ, ମହେନ୍ଦ୍ର କୁମାର ମିଶ୍ର, ପ୍ରଦୀପ କୁମାର ମିଶ୍ର, ଦେବରାଜ ମଙ୍ଗରାଜ, ନବକିଶୋର ମହାପାତ୍ର, ଦାମୋଦର ବେହେରା, ମାୟାଧର ପ୍ରଧାନ,ଜୟକୃଷ୍ଣ ନାୟକ ଉପସ୍ଥିତ ସଦସ୍ୟଙ୍କୁ ପରିବେଷଣ କରିଥିଲେ । ସନ୍ତାନ ସନ୍ତତି ବୟସ୍କ ମାତା ପିତାଙ୍କ ସେବା ଯତ୍ନ କରିବା ଦିଗରେ 'ବୋଉ' ଉଦ୍ଦେଶ୍ୟରେ ସମର୍ପିତ ସଚେତନତା ଧର୍ମୀ ଏକାଙ୍କିକା 'ଜୀବନ ଏକ ନାଟକ' ସଭା ଗୃହରେ ମଞ୍ଚସ୍ଥ ହୋଇଥିଲା। ମଞ୍ଚର ସମ୍ପାଦକ ରାମଶଙ୍କରଙ୍କ ରଚନା ଓ ନିର୍ଦ୍ଦେଶନାରେ ଅତଶୀ ପଟ୍ଟନାୟକ,ନବୀନ ସମାନ୍ତ ସିଂହାର, ବିନୋଦିନୀ ସାମନ୍ତସିଂହାର, ବିରଞ୍ଚି ନାରାୟଣ ପ୍ରଧାନ, କମଳିନୀ ପ୍ରଧାନ,ଶରତ କୁମାର ସାହୁ ଅଭିନୟ କରିଥିଲେ। ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଅଞ୍ଜନ କୁମାର ରାୟ ମଞ୍ଚ ଏବଂ ରବୀନ୍ଦ୍ର କୁମାର ସାହୁ, ଗଗନ ବିହାରୀ ପାଣିଗ୍ରାହୀ, ବିଜୟ କୁମାର ପଣ୍ଡା, ଗଦାଧର ଗୋଛି, ସମରେନ୍ଦ୍ର ମିଶ୍ର, କୁମାର ଚନ୍ଦ୍ର ପଟ୍ଟନାୟକ, ଉତ୍ସବ ପରିଚାଳନା ଏବଂ ରମେଶ କୁମାର ଦାଶ ମଞ୍ଚ ସଂଯୋଜନା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃତ୍ତିବାସ ଭୋଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୧୭/୬ (ନି.ପ୍ର): ବାସୁଦେବପୁର ପୌର ପାଳିକାରେ ପ୍ରବୋଧ ପୁର ମନ୍ଦାରି ଠାରେ ଜନ୍ମ ଲାଭ କରିଥିବା ବିଶିଷ୍ଟ ସମାଜ ସେବୀ କୃତ୍ତିବାସ ଚନ୍ଦ୍ର ଭୋଇ ଓରଫ ଟୁଟୁ ଭୋଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅବସରରେ ବାସୁଦେବପୁର ମେଡ଼ିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା। ଏହା ବ୍ୟତୀତ ଏହି ଦିବସରେ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ କୃତ୍ତି ବାସ ଭୋଇଙ୍କ ଧର୍ମ ପତ୍ନୀ ମଧୁସ୍ମିତା ଭୋଇ, ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଯୁବ ନେତା ଜଗବନ୍ଧୁ ଦାସ, ଜେ କେ ମିଲନ ଜ୍ୟୋତି ଭୋଇ, ଦିବ୍ୟାଂଶି ଭୋଇ, ଆନନ୍ଦ ଶଙ୍କର ଦାସ, ରୂପକ ଦାସ,ସଂଗ୍ରାମ ମହାନ୍ତି, ଉତ୍ତମ କୁମାର ମହାଳିକ,ରମାକାନ୍ତ ଘଡ଼େଇ, ଜିତେନ୍ଦ୍ର ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ଟୁଟୁ ଭୋଇଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ବିଭିନ୍ନ ସମାଜ ସେବା ମୂଳକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ତାଙ୍କର କମିଟି ପକ୍ଷରୁ ଟୁଟୁ ପ୍ରେମୀ ମାନେ ମତ ପ୍ରକାଶ କରିଥିଲେ।

# ରଜ ଅବସରରେ ସାହିତ୍ୟ ଆସର ଓ କବି ସମ୍ମିଳନୀ ଆୟୋଜିତ




ପିପିଲି, ୧୭/୬ (ନି.ପ୍ର): ପିପିଲି ପୁସ୍ତକମେଳା ଓ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ସୋମନାଥ ଦେବ ମନ୍ଦିର , ମକରବା ହୁଡ଼ା , ପିପିଲି ଠାରେ ରଜ ଅବସରରେ ଏକ ସାହିତ୍ୟ ଆସର ଓ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଭିକାରୀ ଧଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କବି ଡ଼. ଭଗବାନ୍ ଜୟସିଂହ ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର , ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଆଡ଼ଭୋକେଟ୍ ସୁବାସ ପରିଡ଼ା, ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ କବି ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ରଥ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପସ୍ଥିତ ଥିଲେ ପିପିଲି ପୁସ୍ତକ ମେଳାର ସଂପାଦକ ଶ୍ରୀ ଅର୍ଜୁନ ଘଡ଼େଇ ଓ ଜାଗୃତି ଯୁବ ସଂଗଠନର ସଭାପତି ଶ୍ରୀଯୁକ୍ତ ପ୍ରଭାତ କୁମାର ମହାପାତ୍ର । ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଶ୍ରୀ ସତ୍ୟାନନ୍ଦ ଦାସ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କବି ମନରେ କବିତା କିପରି ସୃଷ୍ଟି ହୁଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପିପିଲି ପୁସ୍ତକ ମେଳାର ସଂଗଠନ ସଂପାଦକ ଶ୍ରୀଯୁକ୍ତ ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ରଜ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ପିପିଲି ପୁସ୍ତକ ମେଳାର ଉପସଭାପତି ଶ୍ରୀଯୁକ୍ତ ସନାତନ ଆଚାର୍ଯ୍ୟ । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ସାଂସ୍କୃତିକ ସଂପାଦକ ଓ ସୁଲେଖକ ଶ୍ରୀଯୁକ୍ତ ରଘୁନାଥ ଜେନା, ସହ ସମ୍ପାଦକ ଡ଼. ସତ୍ୟନାରାୟଣ ମିଶ୍ର ଓ କୋଷାଧ୍ୟକ୍ଷ ବୈଜୟନ୍ତୀ ସାହୁ । କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ ଡ଼. ସରୋଜିନୀ ପଟ୍ଟନାୟକ ଓ ବିଚିତ୍ରା ବେହେରା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶ୍ରୀ ସୋମନାଥଦେବ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହେଇଥିଲା । କବିତା ପାଠୋତ୍ସବ ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀମତୀ ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଶ୍ରୀ ସୋମନାଥଦେବ ମନ୍ଦିର ପରିଚାଳନା କମିଟି ଓ ଜାଗୃତି ଯୁବ ସଂଗଠନ ତରଫରୁ ବର୍ଣ୍ଣାଢ଼୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ନୃତ୍ୟଗୀତରେ ପାରଦର୍ଶିତା ଦର୍ଶାଇଥିବା କିଶୋରୀ ବାଳିକାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ କରାଯାଇଥିଲା ।

# ଦିବଂଗତ ବିଧାୟକ ସ୍ୱର୍ଗତଃ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ)ଙ୍କ ଷଷ୍ଠ ପୂଣ୍ୟତିଥି ପାଳିତ

## ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାନ କରିବାକୁ ପ୍ରବଳ ଆଗ୍ରହ ଦେଖାଇଲେ ଯୁବଗୋଷ୍ଠୀ



ବାଲେଶ୍ୱର, ୧୭/୬ (ନି.ପ୍ର): ବାଲେଶ୍ୱରରେ ପାଳିତ ହୋଇଛି ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତ(ମଙ୍ଗୁ ଭାଇ)ଙ୍କ ଷଷ୍ଠ ପୂଣ୍ୟତିଥି। ଏହି ଅବସରରେ ବାଲେଶ୍ୱର ସହରର ଓଟି ରୋଡ ସ୍ଥିତ ଶୋଭାରାମପୁର ଛକ ଠାରେ ସ୍ୱର୍ଗତଃ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ ଓ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମଙ୍ଗୁ ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ତଥା ଓଡିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ବାଲେଶ୍ୱର ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ସଞ୍ଜିବ ଗିରି, ବିଶିଷ୍ଟ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ, ଓରିପ୍ଲାଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଜୟ କୁମାର ଡାଭେ, ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର, ବିଶିଷ୍ଟ ବ୍ୟବସାୟୀ ଭଗବାନ ଗୁପ୍ତା ଓ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମଙ୍ଗୁଭାଇଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସାଧାରଣ ଜନମାନସରେ ସ୍ୱର୍ଗତଃ ମଙ୍ଗୁଭାଇଙ୍କ ଜୀବନୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଓଡିଶାରେ ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଶାସନ ବ୍ୟବସ୍ଥା ଆଣିବାକୁ ଯେଉଁ କେତେଜଣ ନିଜର ଜୀବନ ଉତ୍ସର୍ଗ କରିଛନ୍ତି ସେମାନଙ୍କ ମଧ୍ୟରୁ ମଙ୍ଗୁ ଭାଇ ଅନ୍ୟତମ । ତୃଣମୂଳସ୍ତର ଜନସାଧାରଣଙ୍କ ସେବା ପ୍ରତି ଆବେଗ ତାଙ୍କୁ ଜନନେତାରେ ପରିଣତ କରିପାରିଥିଲା । ମଙ୍ଗୁଭାଇ କେବଳ ଗୋଟିଏ ନାମ ନୁହେଁ, ପ୍ରାୟ ସମସ୍ତଙ୍କ ଅତ୍ୟନ୍ତ ଆପଣାର ମଣିଷ ଥିଲେ ସେ । ସେଇଥିପାଇଁ ମଦନ ମୋହନ ଦତ୍ତ ଅପେକ୍ଷା ସମସ୍ତଙ୍କ ନିକଟରେ ମଙ୍ଗୁଭାଇ ଭାବେ ପରିଚିତ । ସେହି ଆଦର୍ଶକୁ ଆଗେଇ ନେବାରେ ତାଙ୍କ ସୁପୁତ୍ର ସଦର ବିଧାୟକ ମାନସ ଦତ୍ତ ସଫଳତାର କାର୍ଯ୍ୟ କରୁଛନ୍ତି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ ମାଧ୍ୟମରେ ମଙ୍ଗୁଭାଇଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଏକାଧିକ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ସେହିପରି ଅର୍ଥାଭାବରୁ ପାଠ ପଢିବାରେ ସମସ୍ୟା ଭୋଗୁଥିବା ଜନୈକ ଛାତ୍ରଙ୍କୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ମଙ୍ଗୁ ଭାଇ ସ୍ମୃତି କମିଟିର ଅଧକ୍ଷା ସମାଜସେବୀ ଅଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ପରିଚାଳନା କରିଥିଲେ । ଶେଷରେ ଗୌରାଙ୍ଗ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସ୍ଥାନୀୟ ରାଜସ୍ଥାନ ଭବନ ପରିସରରେ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଉଦଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ମଙ୍ଗୁଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବକ ଯୁବତୀ ସ୍ୱେଚ୍ଛକୃତ ଭାବେ ରକ୍ତଦାନ ପାଇଁ ରୁଣ୍ଡ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଜିଲ୍ଲା ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଶିବିର ଶେଷ ସୁଦ୍ଧା ୨୭୪ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏଥିରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବସିନୀ ଜେନା, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଶିଳ୍ପ ପତି ସଞ୍ଜୟ ଦାସ, ପ୍ରମୁଖ ଉପସ୍ଥିତ ଥିଲେ।

# ରଷ୍ୟଶୃଙ୍ଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ



ବାସୁଦେବପୁର, ୧୭/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦୁଆଁ ପଞ୍ଚାୟତର ସର ପୋଖରୀ ଆଡି ଠାରେ ରଷ୍ୟଶୃଙ୍ଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାର୍ବଜନୀନ ରଜ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଉପଦେଷ୍ଟା ମୁକ୍ତିକାନ୍ତ କର, ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା, ସଦସ୍ୟ ଚନ୍ଦ୍ରକାନ୍ତ ଦଳାଇ, ଆଲୋକ ପରିଡ଼ା, ସୂର୍ଯ୍ୟକାନ୍ତ ପରିଡ଼ା, ବାବୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ ଏବଂ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଏହି ଉତ୍ସବରେ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ। ଏହି ରଜ ଉତ୍ସବ ଅବସରରେ ଏହି ଅନୁଷ୍ଠାନର ୭୦ ତମ ବାର୍ଷିକ ଉତ୍ସବ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଭାବେ ପାଳିତ ହୋଇ ଯାଇଛି। ଠାକୁର ଓ ଦେବା ଦେବୀ ମୂର୍ତ୍ତି ଙ୍କ ଠାରେ ବ୍ରାହ୍ମଣ ପୁରୋହିତ ମାନେ ଏହି ଉତ୍ସବରେ ପୂଜା ପାଠ କରିଥିଲେ। ବହୁ ସଂଖ୍ୟାରେ ଭକ୍ତ ମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ବାବା ଋଷି ଶୃଙ୍ଗ ଓ ଶାନ୍ତା କନ୍ୟା ବିବାହ ମଧ ଅନୁଷ୍ଠିତ ହୋଇ ଥିଲା ।ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଉତ୍ସବରେ ପରିବେଷଣ ହୋଇଥିଲା। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ପ୍ରେମବିବାହ ପରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ: ୯ମାସର ଗର୍ଭବତୀ ପ୍ରଥମ ସ୍ତ୍ରୀ ସ୍ୱାମୀ ବିରୋଦ୍ଧରେ ଥାନାର ଦ୍ୱାରସ୍ଥ

ନୀଳଗିରି, ୧୭/୬ (ନି.ପ୍ର): ଜୈନିକ ଯୁବକ ପ୍ରେମବିବାହର ବର୍ଷେ ପରେ ସ୍ତ୍ରୀ ଅନ୍ତସତ୍ୱା ହେବାପରେ ପୁଣି ଅନ୍ୟଜଣେ ଯୁବତୀକୁ ବିବାହକରି ଘରେ ଆଣିରଖିବା ସହିତ ପ୍ରଥମ ସ୍ତ୍ରୀକୁ ଅକଥନୀୟ ଅତ୍ୟାଚାର ଦେବାପରେ ନ୍ୟାୟପାଇଁ ପ୍ରଥମ ସ୍ତ୍ରୀ ଥାନାରେ ଦ୍ୱାରସ୍ଥ ହୋଇଥିବା ସୂଚନାମିଳିଛି। ସୂଚନା ମୁତାବକ ନୀଳଗିରି ଥାନା ରିଙ୍ଗପୁର ଗ୍ରାମର ଚୈତନ୍ୟ ସିଂଙ୍କ ଝିଅ କବିତା ସିଂ (୨୧) ଗତ ୨୦୨୩ ମସିହାରେ ନୀଳଗିରି କଲେଜର ପ୍ରଥମ ବର୍ଷର ଅଧ୍ୟୟନରତ ଛାତ୍ରୀ ଥିଲେ। ସେହି ଗ୍ରାମର ଜୟରାମ ସିଂଙ୍କ ପୁଅ ଯୋଗେଶ୍ୱର ସିଂ (୨୩)ମଧ ନୀଳଗିରି କଲେଜରେ ପାଠ ପଢୁଥିଲେ। ତେବେ ଯୋଗେଶ୍ୱର କବିତାକୁ ସର୍ବଦା ପ୍ରେମ ନିବେଦନକରି ଆସୁଥିଲା ବେଳେ କବିତା ଯୋଗେଶ୍ୱରଙ୍କ ପ୍ରେମଜାଲରେ ପଡ଼ି ବିବାହପାଇଁ ରାଜିହୋଇ ଯାଇଥିଲେ। ୨୦୨୪ ମସିହା ଜୁନ ୧୯ତାରିଖରେ ନିଜଗ୍ରାମରେ ଥିବା ଗ୍ରାମଦେବତୀ ପୀଠରେ ଆଦିବାସୀ ପ୍ରଥା ଅନୁସାରେ ବିବାହକରି ସ୍ତ୍ରୀ ର ସ୍ୱୀକୃତିଦେଇ ଘରକୁ ନେଇଥିଲେ। ଦୁଇବର୍ଷ ଦାମ୍ପତ୍ୟଜୀବନ ସୁଖରେ ଅତିବାହିତ ହୋଇଥିଲାବେଳେ ଏବେ କବିତା ୯ମାସର ଆନ୍ତସତ୍ୱା । ଇତିମଧ୍ୟରେ ଯୋଗେଶ୍ୱର ଅନ୍ୟତ୍ର କାମକୁ ଯାଉଥିବା ସମୟରେ ଆଉ ଜଣେ ଯୁବତୀଙ୍କ ସହିତ ପ୍ରେମସମ୍ପର୍କ ଗଢି ଉଠିଥିଲା। ଏକଥା କବିତା ଜାଣିବାପରେ ବାରଣ ମଧ କରିଥିଲେ। ହେଲେ ସ୍ୱାମୀ ଯୋଗେଶ୍ୱର ସ୍ତ୍ରୀଙ୍କ କଥାକୁ ଭୃକ୍ଷେପ ନକରି ଚଳିତ ଜୁନ ମାସ ୧୪ତାରିଖ ରଜଦିନ ଉକ୍ତ ଯୁବତୀଙ୍କୁ ଘରକୁ ନେଇଆସିଥିଲେ। ଏନେଇ ଗ୍ରାମର ଓ୍ୱାଡ଼ସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ ବସି ଘଟଣାର ସମାଧାନ ହୋଇଥିଲେ ମଧ ପରବର୍ତ୍ତୀ ସମୟରେ ଯୋଗେଶ୍ୱର ପ୍ରଥମ ସ୍ତ୍ରୀ କବିତାଙ୍କୁ ଘରୁ ବାହାର କରିଦେଇଥିଲେ। ଏନେଇ ଆଜି କବିତା ମା ସୀତାମଣୀ ଓ ବାପା ନ୍ୟାୟପାଇଁ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତ୍ୱଦେଇ ନୀଳଗିରି ପୋଲିସ ତଦନ୍ତ ଜାରିରଖିଛି। ତେବେ ଖବର ଲେଖାହେବା ବେଳକୁ ଅନ୍ତସତ୍ୱା କବିତାଙ୍କ ଗର୍ଭଯନ୍ତ୍ରଣା ହେବାରୁ ତାଙ୍କୁ ନୀଳଗିରି ମେଡିକାଲକୁ ନିଆଯାଇଥିବା ସୂଚନା ମିଳିଛି।

ଗୁରୁବାର, ଜୁନ୍ ୧୮, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସୁନ୍ଦରପୁର ରଜ ମହୋତ୍ସବ ଉଦଯାପିତ: ଦିବ୍ୟାଂଶୀ ମଲ୍ଲିକ, ବିଷ୍ଣୁପ୍ରିୟା ପ୍ରଧାନ ଓ କଲ୍ୟାଣୀ ପ୍ରଧାନ ରଜକୁଇନ

ଖଇରା, ୧୭/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ସୁନ୍ଦରପୁର ହାଇସ୍କୁଲ ପଡିଆରେ ୪ଦିନ ଧରି ଚାଲିଥିବା ସୁନ୍ଦରପୁର ରଜ ମହୋତ୍ସବ ମଙ୍ଗଳବାର ସଂଧ୍ୟାରେ ନୃତ୍ୟ ସଙ୍ଗୀତର ଆସର ଭିତରେ ଉଦ୍‌ଯାପିତ ହୋଇ ଯାଇଛି। ଚଳିତ ୨୦୨୬ରେ ରଜକୁଇନ ଭାବେ ସବଜୁନିଅରରେ ଦିବ୍ୟାଂଶୀ ମଲ୍ଲିକ,ଜୁନିଅରରେ ବିଷ୍ଣୁପ୍ରିୟା ପ୍ରଧାନ ଓ ସିନିଅରରେ କଲ୍ୟାଣୀ ପ୍ରଧାନ ଙ୍କୁ ରୁପା ମୁକୁଟ ପ୍ରଦାନ କରାଯାଇଛି। ଏହା ବ୍ୟତିତ ବିଭିନ୍ନ ବିଭାଗରେ ରନର୍ସ ଅପ ଭାବେ ଦିପାଂଶୀ ବେହେରା, ଏଲଏନଭି ପ୍ରଧାନ, ତନିଷା ବେହେରା, ସାଇ ଦିବ୍ୟାଂଶୀ ନାୟକ, ଶୁଭସ୍ମିତା ପାତ୍ର, ସାଇପ୍ରିୟା ଘଡେଇ, ସୋମାଲିନ ଜେନା, ସୁବାସିନୀ ଜେନା, ମନିଷା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ରଜ ମହୋତ୍ସବ କମିଟି ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଆର୍ମି ଅଧିକାରୀ ଅଭିମନ୍ୟୁ ରାଉତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ପାଣି, ସୁକାନ୍ତ କୁମାର ଜେନା, ଡା ହରେକୃଷ୍ଣ ରାଉତ,ନନ୍ଦ କିଶୋର ସାହୁ, ପିତବାସ ମୁଖୀ, ନିଲମ ରାଉତ, ସୁଲୋଚନା ଭୋଳ, ସୁରେନ୍ଦ୍ର ପ୍ରସାଦ ସାହୁ, ବାଲ୍ମିକୀ କୁମାର ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟିକା ସଞ୍ଜୁ ମହାନ୍ତିଙ୍କ ଦ୍ୱାରା ପରିବେଶିତ ସଙ୍ଗିତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ରଜମହୋତ୍ସବ କମିଟିର ସମସ୍ତ ସଭ୍ୟ ୪ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ ଓ ଉଚିତ୍ ନ୍ୟାୟ ଦାବିରେ ନୀଳଗିରି ଥାନା ସମ୍ମୁଖରେ ଧାରଣା




ନୀଳଗିରି, ୧୭/୬ (ନି.ପ୍ର): ଅନ୍ୟାୟଭାବେ ଦୁଇପୁଅ ଓ ପୁତୁରାଙ୍କୁ ଗିରଫ ପ୍ରତିବାଦରେ ଜୈନିକ ମହିଳାଙ୍କ ନୀଳଗିରି ଥାନାସମ୍ମୁଖରେ ଧାରଣା ଦେବାପରେ ବାଲେଶ୍ୱର ଅତିରିକ୍ତ ଏସପିଙ୍କ ନିରପେକ୍ଷ ତଦନ୍ତ ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହାର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ନୀଳଗିରି ଉପଖଣ୍ଡ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତ ପ୍ରତାପଡ଼ା ଗ୍ରାମରେ ଗତ ୧୦/୬ ବୁଧବାର ଅପରାହ୍ନ ସମୟରେ ହଠାତ୍ ପ୍ରବଳବେଗରେ ପବନବୋହିବା ସହିତ ବର୍ଷା ହୋଇଥିବାରୁ ଉକ୍ତ ଗ୍ରାମର ଶ୍ରୀମତୀ ସୁବାସିନୀ ରାଉତ, ସ୍ୱାମୀ ଶ୍ରୀଧର ରାଉତଙ୍କ ଛାତଉପରେ ପଡୋଶୀ ମଙ୍ଗ ଓରଫ ମନୋରଞ୍ଜନ ମହାନ୍ତିଙ୍କ ବାଡିରେଥିବା ପୁରୁଣା ନିଦ୍ରାବତୀ ଗଛଟି ପଡ଼ିଯିବାରୁ ଛାତ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ ମନୋରଞ୍ଜନ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ, ପାଟିତୁଣ୍ଡ ଓ ପିଟାପିଟି ହୋଇଥିଲା। ଏ ବାବଦରେ ନୀଳଗିରି ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିଲା। ତେବେ ମନୋରଞ୍ଜନ ସରକାରୀଦଳର ନେତା ହୋଇଥିବାରୁ ମନୋରଞ୍ଜନଙ୍କ ଏତଲାକୁ ଭିତ୍ତିକରି ୨୬୨/୨୬ରେ ମାମଲା ରୁଜୁହୋଇ ସୁବାସିନୀଙ୍କ ୨ପୁଅ ଏବଂ ପୁତୁରା ମୋଟ ୩ଜଣଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଥିଲା। ଅପରପକ୍ଷରେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀ ରାଉତଙ୍କୁ ମନୋରଞ୍ଜନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହିତ ମାଡ଼ମାରିଥିବାନେଇ ପାଲଟା ଅଭିଯୋଗ ମୂଳେ ୨୬୩/୨୬ ନମ୍ବର ମାମଲା ରୁଜୁହୋଇଥିଲା। ତେବେ ନୀଳଗିରି ପୋଲିସ ରାଜନୈତିକ ଚାପରେ ବଶବର୍ତ୍ତୀହୋଇ ମନୋରଞ୍ଜନ କୁ ନୀଳଗିରି ମେଡ଼ିକାଲରେ ଚିକିତ୍ସା ହେଉଥିବାବେଳ ଗୁରୁତର ଦର୍ଶାଇ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଦେଇଥିଲେ। ତେବେ ଅନ୍ୟାୟ ଭାବେ ପୁତ୍ର ଓ ପୁତୁରାଙ୍କୁ ଗିରଫକରିବା ଏବଂ ସୁବାସିନୀ ରାଉତ ଙ୍କ ପ୍ରଦତ୍ତ ଏତଲା କାର୍ଯ୍ୟକାରୀ କରିନହେବା ସହିତ ମନୋରଞ୍ଜନ ଚିକିତ୍ସାଧୀନ ନଥିବା ଏବଂ ଖୁଲମଖୁଲା ଠିକାଦାରକାମ କରୁଥିବା ବେଳେ ମିଛରେ ମାଡ଼ହୋଇଥିବା ନେଇ ଅଭିଯୋଗ କରିଥିବା ବେଳେ ଏହାର ପ୍ରତିବାଦରେ ବୁଧବାର ନୀଳଗିରି ଥାନା ସମ୍ମୁଖରେ ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ ଦାବିରେ ସୁବାସିନୀ ରାଉତଙ୍କ ସମେତ ତାଙ୍କ ପରିବାରର ଲୋକେ ଧାରଣାରେ ବସିଥିଲେ। ପରେ ବାଲେଶ୍ୱର ଆଡ଼ିସନାଲ୍ ଏସ୍.ପି ନିରଞ୍ଜନ ବେହେରା, ଡି.ଏସ.ପି. ତପସ୍ୱିନୀ କୁହଁର ଧାରଣସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ମାମଲାର ନିରପକ୍ଷ ତଦନ୍ତ କରାଯିବ, ସୁବାସିନୀ ରାଉତ ଲିଖିତ ଅଭିଯୋଗକୁ ରୁଜୁ କରାଯିବା ସହ କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ନିର୍ମାଣରେ ଜିଲ୍ଲାପାଳଙ୍କୁ ଅବଗତ କରାଇ ସହାୟତା ରାଶି ପ୍ରଦାନ ଏବଂ ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦେବାପାଇଁ ଅତିରିକ୍ତ ଏସ୍.ପି ନିର୍ଦ୍ଦେଶ ଦେଇଥିଲେ। ଏହି ସବୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସିପିଆଇ ଦଳର ବରିଷ୍ଠ ନେତା ନିରଞ୍ଜନ ବାରିକ, ନୀଳଗିରି ବ୍ଲକ୍ କଂଗ୍ରେସସଭାପତି ତପନ କୁମାର ରାଉତ, ଯଶୋଦା ନନ୍ଦନ ସିଂହ, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଯୁବନେତା ଅଶ୍ୱିନି କୁମାର ପାତ୍ର,ଆଇନଜୀବୀ ଅଜୟ ପଟନାୟକ ସମେତ ୫୦ରୁ ଉର୍ଦ୍ଧ ସମର୍ଥକ ସାମିଲ ଥିଲେ। ଘଟଣା ପରଦିନ ମନୋରଞ୍ଜନ ମହାନ୍ତିଙ୍କୁ ମେଡ଼ିକାଲରେ ନୁହଁ ନିଜ ଗ୍ରାମରେ ବୁଲୁଥିବା ବେଳେ ନୀଳଗିରି ମେଡିକାଲର ଡାକ୍ତର କିପରି ଅବସ୍ଥା ଗୁରୁତର ଥିବାର ପ୍ରକାଶ କଲେ ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନର ନିଃଶୁଳ୍କ ଗମନାଗମନ ବ୍ୟବସ୍ଥା

ଭଦ୍ରକ, ୧୭/୬ (ନି.ପ୍ର): ଆସନ୍ତା ୨୧ ଜୁନ ୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୬ (୨) ରେ ଅଂଶଗ୍ରହଣ କରୁଥିବା ପରୀକ୍ଷାର୍ଥୀମାନଙ୍କୁ ନିଃଶୁଳ୍କ ଗମନାଗମନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶ୍ରୀ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶୁଭେନ୍ଦୁ ରଞ୍ଜନ ରାୟ, ମୋଟରଯାନ ନିରୀକ୍ଷକ ଶ୍ରୀ ବାମଦେବ ସାହୁ, ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀ ଶ୍ରୀନିବାସ ପତି, ସମ୍ପାଦକ ଶ୍ରୀ ରାଜେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଚାଳକ, ଓ.ଏସ୍.ଆ଼ର୍.ଟି.ସି. ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ଉପସ୍ଥିତ ଥିଲେ। ପରୀକ୍ଷାର୍ଥୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦ ଜୁନ ଅପରାହ୍ନ ଏବଂ ୨୧ ଜୁନ ସକାଳେ ଜିଲ୍ଲାର ୭ଟି ବ୍ଲକ୍ ମୁଖ୍ୟାଳୟରୁ ଭଦ୍ରକ ପର୍ଯ୍ୟନ୍ତ 'ଆମ ବସ୍' ଯୋଗେ ନିଃଶୁଳ୍କ ଯାତାୟାତ ସୁବିଧା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ୨୧ ଜୁନ ଦିନ ସକାଳ ୮ଟାରୁ ବନ୍ତଛକଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସଟଲ୍ ସେବା ପାଇଁ ମୋଟ ୭ଟି 'ଆମ ବସ୍' ନିୟୋଜିତ କରାଯିବ। ଏଥିମଧ୍ୟରେ ଭଦ୍ରକ ଅଟୋନମସ୍ କଲେଜକୁ ୨ଟି, ସରକାରୀ ପଲିଟେକ୍ନିକ୍, ଭଦ୍ରକକୁ ୨ଟି, ଭଣ୍ଡାରିପୋଖରୀ ପଲିଟେକ୍ନିକ୍ ?କୁ ୨ଟି ଏବଂ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ୧ଟି ବସ୍ ଚଳାଚଳ କରିବ।ସମସ୍ତ ବ୍ୟବସ୍ଥାର ତଦାରଖ ଓ ସୁପରିଚାଳନା ପାଇଁ ମୋଟରଯାନ ନିରୀକ୍ଷକ ଶ୍ରୀ ବାମଦେବ ସାହୁଙ୍କୁ ନୋଡାଲ ଅଫିସର ଭାବେ ମନୋନୀତ କରାଯାଇଛି। ପରୀକ୍ଷାର୍ଥୀମାନେ ଆବଶ୍ୟକତା ପଡ଼ିଲେ ତାଙ୍କ ମୋବାଇଲନମ୍ବର ୭୯୭୮୦୧୪୧୭୫ ରେ ଯୋଗାଯୋଗ କରିପାରିବେ। ଏହାଛଡ଼ା, ନିଟ୍ ପରୀକ୍ଷାର୍ଥୀମାନେ ନିଜର ଆଡମିଟ୍ କାର୍ଡ ପ୍ରଦର୍ଶନ କଲେ ବେସରକାରୀ ବସ୍‌ରେ ମଧ୍ୟ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଓ ସମ୍ପାଦକ ସୂଚନା ଦେଇଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା।

# ସୁବର୍ଣ୍ଣପୁରରେ ୨୦ ଯାଏଁ ସ୍କୁଲ କଲେଜ ଛୁଟି

ଭୁବନେଶ୍ୱର , ୧୭/୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଆସନ୍ତା ଜୁନ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ରଖିବାକୁ ନିଷ୍ପତି ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଛୁଟି ଅବଧି ବୃଦ୍ଧି କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ ଏବଂ ଅଙ୍ଗନବାଡି କେନ୍ଦ୍ର ଗୁଡିକ ଜୁନ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ।

# ଭଦ୍ରକରେ 'ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ: ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ମିଳିବ ଆଧୁନିକ ପ୍ରଯୁକ୍ତି ଶିକ୍ଷା

ଭଦ୍ରକ, ୧୭/୬ (ନି.ପ୍ର): ଗ୍ରାମାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଡିଜିଟାଲ୍ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ୱାନ ଫ୍ୟୁଚର ଫାଉଣ୍ଡେସନ ପକ୍ଷରୁ ଭଦ୍ରକ ଜିଲ୍ଲାର ଚୟନିତ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହାର ଫ୍ଲାଗଶିପ୍ କାର୍ଯ୍ୟକ୍ରମ 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍'ର ଶୁଭାରମ୍ଭ କରାଯାଇଛି। **AI Ready@ Education** କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ପଦକ୍ଷେପ ମାଧ୍ୟମରେ ସହରାଞ୍ଚଳର ଉନ୍ନତ ଶିକ୍ଷା ପ୍ରତିଷ୍ଠାନ ଓ ଗ୍ରାମାଞ୍ଚଳ ବିଦ୍ୟାଳୟ ମଧ୍ୟରେ ଥିବା ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ସହ ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତି ସହ ସଂଯୋଗ କରାଯିବ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜ଼ିଲ୍ଲାପାଳ ରବି ନାରାୟଣ ସହୁ,ମୁଖ୍ୟ ଉନ୍ନୟନ ଅଧିକାରୀ-କମ୍-ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ , ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଭିନ୍ନ ପ୍ରଶାସନିକ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ।ସାଂସଦ ଅଭିମନ୍ୟୁ ସେଠୀ କହିଥିଲେ ଯେ, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ୍ ଜ୍ଞାନ କେବଳ ବଡ଼ ସହରର ବିଦ୍ୟାଳୟମାନଙ୍କ ପାଇଁ ସୀମିତ ରହିବା ଉଚିତ୍ ନୁହେଁ। ଗ୍ରାମାଞ୍ଚଳରେ ମଧ୍ୟ ପ୍ରଚୁର ପ୍ରତିଭା ରହିଛି ଏବଂ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଓ ମଞ୍ଚ ପ୍ରଦାନ କରାଗଲେ ସେମାନେ ଦେଶର ଗୌରବ ବୃଦ୍ଧି କରିପାରିବେ। ତେବେ ଏଆଇ ମାନବୀୟ ବୁଦ୍ଧିମତାକୁ କେବେବି ଛାପି ନଯାଉ ବୋଲି ସେ ମତ ପ୍ରକାଶ କରିଥିଲେ।ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାରଙ୍କ ଓଡ଼ିଶା ଏଆଇ ନୀତି-୨୦୨୫ ଏବଂ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ପୂରଣ ଦିଗରେ ଏହି ଏଆଇ ହବ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ମାଧ୍ୟମରେ ରାଜ୍ୟସ୍ତରୀୟ ଯୋଜନାଗୁଡ଼ିକୁ ଗ୍ରାମସ୍ତରରେ କାର୍ଯ୍ୟକାରୀ କରାଯିବ।ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକମାନଙ୍କୁ ଏହି ଅଭିଯାନର ଅଗ୍ରଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ସେ କହିଥିଲେ ଯେ, ସେମାନଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ହିଁ ଏହି ପ୍ରଯୁକ୍ତିକୁ ବିଦ୍ୟାଳୟ ସ୍ତରରେ ସଫଳ କରିବ।

# ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପୂର୍ବରୁ ଭାରତୀୟ ତଟରକ୍ଷୀ ବାହିନୀ ସହିତ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜନ କଲେ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ



ପାରାଦ୍ୱୀପ, ୧୭/୬ (ନି.ପ୍ର): ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପୂର୍ବରୁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଆର୍ଟ ଅଫ୍ ଲିଭିଂ, ପାରାଦ୍ୱୀପ ୟୁନିଟ୍ ର ମିଳିତ ସହଯୋଗରେ ପାରାଦ୍ୱୀପ ଠାରେ ଇଣ୍ଡିଆନ୍ କୋଷ୍ଟ୍ ଗାର୍ଡ୍ ସିପ୍ ବରଦ୍ ରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା।ଆର୍ଟ ଅଫ୍ ଲିଭିଂ, ପାରାଦ୍ୱୀପ ୟୁନିଟ୍ ର ଯୋଗ ଗୁରୁ ଶ୍ରୀ ତାପସ ରଞ୍ଜନ ପତିଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା, ଯେଉଁଥିରେ ଉଭୟ ସଂସ୍ଥାର ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ଶ୍ରୀ ପି.ଏଲ୍. ହରନାଧ ଏବଂ ପାରାଦ୍ୱୀପର କୋଷ୍ଟ୍ ଗାର୍ଡ ଜିଲ୍ଲାର କମାଣ୍ଡର ଡିଆଇଜି ଶ୍ରୀ ସଞ୍ଜୟ ନେଗି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ପି.ଏଲ୍. ହରନାଧ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧିରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ଏହିଭଳି ପଦକ୍ଷେପ ଆନ୍ତଃସଂସ୍ଥା ସହଯୋଗକୁ ମଜବୁତ କରିବା ସହିତ ଏକ ସୁସ୍ଥ ଏବଂ ଉତ୍ପାଦନଶୀଳ କାର୍ଯ୍ୟବଳ ସୃଷ୍ଟି କରିଥାଏ। ସେ ଉଲ୍ଲେଖ କରିଥିଲେ ଯେ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକଳାପଗୁଡ଼ିକ ମଜବୁତ ଆନୁଷ୍ଠାନିକ ସମ୍ପର୍କ ଗଢ଼ିବା ଏବଂ ସାମୁଦ୍ରିକ ସହଭାଗୀମାନଙ୍କ ମଧ୍ୟରେ ସଭାବନାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ଡିଆଇଜି ଶ୍ରୀ ସଞ୍ଜୟ ନେଗି ଏହି ମିଳିତ ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଶାରୀରିକ ଫିଟନେସ୍, ମାନସିକ ଦୃଢ଼ତା ଏବଂ ପରିଚାଳନାଗତ ପ୍ରସ୍ତୁତି ବଜାୟ ରଖିବାରେ ଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମତବ୍ୟକ୍ତ କରିଥିଲେ ଯେ ଏହିଭଳି ମିଳିତ କାର୍ଯ୍ୟକ୍ରମ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ମଧ୍ୟରେ ବନ୍ଧୁତ୍ୱ ଏବଂ ସହଯୋଗର ଭାବନାକୁ ଆହୁରି ସୁଦୃଢ଼ କରିଥାଏ। ପୂର୍ବରୁ ଦେଶବ୍ୟାପୀ ଉତ୍ସବର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସୁସ୍ଥ ଜୀବନଶୈଳୀ ଏବଂ ସାମୂହିକ କଲ୍ୟାଣର ଥିମ୍ ଦିଗରେ ସାମୁଦ୍ରିକ ସଂସ୍ଥାଗୁଡ଼ିକର ବଢ଼ୁଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ସାମୁଦ୍ରିକ ସମ୍ପ୍ରଦାୟରେ ସୁସ୍ଥତା ଏବଂ ସହଯୋଗର ସଂସ୍କୃତିକୁ ନିରନ୍ତର ପ୍ରୋତ୍ସାହିତ କରିବାର ଏକ ନୂତନ ଶପଥ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ସାପ କାମୁଡାରେ ୧୦ମ ଶ୍ରେଣୀ ଛାତ୍ର ମୃତ



ଖଇରା, ୧୭/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡ ଗ୍ରାମରେ ମାମୁଁ ଘରେ ରହୁଥିବା ଜୟନ୍ତୀ ରାଉତଙ୍କ ପୁଅ ଗଣେଷ(୧୪) ସାପ କାମୁଡାରେ ମୃତ୍ୟ ବରଣ କରିଛନ୍ତି। ଜୟନ୍ତୀଙ୍କ ଶ୍ୱଶୁର ଘର ଆଗରପଡା ଥାନା ଅଧୀନ ବରହମପୁର ଗ୍ରାମରେ ହୋଇଥିବା ବେଳେ ପାରିବାରିକ ସମସ୍ୟାକୁ ନେଇ ସେ ତାଙ୍କ ୨ପୁଅ ଗଣେଷ ଓ ସୁରେଶ(୧୧) ସହ ନିଜ ବାପ ଘର ଗଣ୍ଡିବେଡରେ ରହୁଥିଲେ। ଗଣ୍ଡିବେଡ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ଗଣେଷ ମଙ୍ଗଳବାର ରାତିରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କ ଡାହାଣଗୋଡକୁ ଏକ ସାପ କାମୁଡିଥିଲା। ସକାଳେ ଗୁରୁତର ଅବସ୍ଥାରେ ପ୍ରଥମେ ଖଇରା ଓ ପରେ ଭଦ୍ରକ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପରିବାରର ୫ଜଣ ସଦସ୍ୟଙ୍କୁ ମିଳୁଛି ୫ କିଗ୍ରା ଚାଉଳ

ଉଦଳା, ୧୭/୬ (ନି.ପ୍ର): କପ୍ତିପଦା ବ୍ଲକର ଜାମବଣୀ ପଂଚାୟତ ଅନ୍ତର୍ଗତ ବଡ଼ାମପଦା ଗ୍ରାମରେ ବସବାସ କରୁଥିବା ପୁର୍ଣ୍ଣ ହାଁସଦା ଓ ତାଙ୍କର ସହଧର୍ମିଣୀ ପୁନୁଗି ହେମ୍ବ୍ରମଙ୍କ ପରିବାରର ମୋଟ ସଦସ୍ୟ ୫ଜଣ ଅଟନ୍ତି। ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରକୁ ଖାଦ୍ୟ ଯୋଜନାରେ ସରକାର ମାସିକ ମୋଟ ୫କିଗ୍ରା ଚାଉଳ ପ୍ରଦାନ କରୁଥିବାର ପରିବାର ଲୋକେ ଜଣାଇଛନ୍ତି। ସରକାର ମୁଣ୍ଡପିଛା ୫କିଗ୍ରା ଚାଉଳ ଘୋଷଣା କରିଛନ୍ତି। ତେବେ ଏହି ପରିବାରକୁ ମାସିକ ୨୫ କିଗ୍ରା ଚାଉଳ ମିଳିବା କଥା। ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର କଥା ପରିବାରର ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

Advertisement Laxmipriya Mahila HSS Baliapal, Balasore

Wanted Contractural Jr. Clerk for the session 2026-27. Interested candidates having Graduation qualification in any stream with experience in clerical work in any institution is to apply with photo copies in support of their qualifications along with complete bio-data within seven days of advertisement. Salary is negotiable.

**Principal- Cum- Secretary**
**Laxmipriya Mahila H.S.S. Baliapal, Balasore**

# ମୟୂରଭଞ୍ଜ ଛଉ ନୃତ୍ୟ ଗୁରୁ ପାଗୁଲୁ ଜେନାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ



ମୟୂରଭଞ୍ଜ, ୧୭/୬ (ନି.ପ୍ର): ପୁଣି ଥରେ ମୟୂରଭଞ୍ଜ ଛଉ ନୃତ୍ୟ କୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଛଉ ନୃତ୍ୟ ଗୁରୁ ଶ୍ରୀ ପାଗୁଲୁ ଜେନା ଙ୍କୁ ୨୦୨୫ ବର୍ଷ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ମିଳିବା ନେଇ ଗତ କାଲି ଘୋଷଣା କରାଯାଇଛି। ନୃତ୍ୟ ସଙ୍ଗୀତ ନାଟକ ଆଦି କ୍ଷେତ୍ରରେ ଏହା ଦେଶର ସର୍ବୋଚ୍ଚ ସମ୍ମାନ। ବାରିପଦା ସହରର ଜମୁନାଦେଇପୁର୍ ନିବାସୀ ଶ୍ରୀ ଜେନା ପିଲା ବେଳୁ ଛଉ ନୃତ୍ୟ ପ୍ରତି ଆକୃଷ୍ଟ ହୋଇ ବିଗତ ଚାରି ଦଶନ୍ଧି ଧରି ଏହି ନୃତ୍ୟ କରି ଆସୁଛନ୍ତି। ସେ ଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ଆସିଥିବା ବେଳେ ଭାରତ ବାହାରେ ୫ ଗୋଟି ଦେଶରେ ମଧ୍ୟ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟି ପାରିଛନ୍ତି।ସେ ବାରିପଦାସ୍ଥିତ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରି ଆସିଥିଲେ। ଜିଲ୍ଲାର ଅନେକ ଗ୍ରାମାଞ୍ଚଳ ଛଉ ନୃତ୍ୟ ଦଳ ଗୁଡ଼ିକ ର ଗୁରୁ ଭାବେ ବହୁ ଗୁଡ଼ିଏ ନୂତନ ନୃତ୍ୟ ର ସଂରଚନା କରି ଆସିଛନ୍ତି।ମୟୂରଭଞ୍ଜ ଛଉନୃତ୍ୟ ର ସଂରକ୍ଷଣ ସାଙ୍ଗକୁ ଏହାର ହୃତଗୌରବ କୁ ପୁନଃ ସ୍ଥାପିତ କରିବା ପାଇଁ ବିଗତ ୨୦୧୬ ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଛାଉଣୀ ସହିତ ସେ ପ୍ରଥମ ରୁ ହିଁ ସମ୍ପୃକ୍ତ ଅଛନ୍ତି। ଶ୍ରୀ ଜେନା ଏବେ ପ୍ରୋଜେକ୍ଟ ଛାଉଣୀ ର ପ୍ରମୁଖ ଗୁରୁ ତଥା ସେଣ୍ଟର୍ ହେଡ୍ ଭାବେ ଦାୟୀତ୍ୱ ନିର୍ବାହ କରୁଛନ୍ତି। ଏହା ସାଙ୍ଗକୁ ଜାତୀୟ ଛଉ କେନ୍ଦ୍ର ର ଉପଦେଷ୍ଟା ଓ କେନ୍ଦ୍ର ସଂସ୍କୃତି ବିଭାଗ ର ବିଭିନ୍ନ କମିଟି ର ସଦସ୍ୟ ଅଛନ୍ତି। ଏହି ବିଷୟ ଘୋଷଣା ହେବା ପରେ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ କୁ ସାଧୁବାଦ ଜଣାଯାଇଛି। ପ୍ରୋଜେକ୍ଟ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ କହିଛନ୍ତି ଯେ ପୂର୍ବରୁ ବର୍ଷ ବର୍ଷ ଧରି ମୟୂରଭଞ୍ଜ ଛଉ ନୃତ୍ୟ ର କଳାକାର ମାନଙ୍କୁ ସରକାରୀ ସ୍ତରରେ ଅଣଦେଖା କରାଯାଇ ଆସୁଥିଲା। ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ବିଗତ ଏକ ଦଶନ୍ଧି ଧରି ଯୋଗ୍ୟ କଳାକାର ମାନଙ୍କୁ ସରକାର ଙ୍କ ପକ୍ଷରୁ ସ୍ୱୀକୃତି ପ୍ରଦାନ କରିବାକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ ଆସିଛି। ସେହି କ୍ରମରେ ବିଗତ ୨୦୨୩ ମସିହା ରେ ଛଉ ନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ ଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ବର୍ତ୍ତମାନ ଶ୍ରୀ ଜେନା ଙ୍କୁ ଏହା ମିଳିପାରିଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଶ୍ରୀ ଜେନା ଙ୍କ ଏହି ସଫଳତା ପରବର୍ତ୍ତୀ ପିଢୀ ର ଛଉ କଳାକାର ଙ୍କ ମନୋବଳ ବୃଦ୍ଧି କରିବ ବୋଲି ପ୍ରୋଜେକ୍ଟ ର ନିର୍ଦ୍ଦେଶକ ବିଭୁଦତ୍ତ ଦାସ ଆଶା ବ୍ୟକ୍ତ କରିଛନ୍ତି।

# 'ବସୁମତୀ ସ୍ନାନ'ର ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭ ଜୁନ (ହି.ସ)- 'ବସୁମତୀ ସ୍ନାନ'ର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଧରିତ୍ରୀ ମାତାଙ୍କ ଆରାଧନାର ପବିତ୍ର ପର୍ବ 'ବସୁମତୀ ସ୍ନାନ' ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ମା' ବସୁମତୀଙ୍କ ଅପାର କରୁଣାରୁ ଆମ ଓଡ଼ିଶା କୃଷି, ପ୍ରଗତି ଓ ସମୃଦ୍ଧି କ୍ଷେତ୍ରରେ ଆହୁରି ଆଗକୁ ବଢ଼ୁ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida